ଚଉପଦୀ କଳାପ ।

ଶ୍ରୀ ଗୋବର୍ଦ୍ଧନ ପଟ୍ଟନାୟକଙ୍କ

ରଚିତ

ଶ୍ରୀ ଅକ୍ଷୟ କୁମାର ଘୋଷ

ପ୍ରଭୃତିଙ୍କ ଦ୍ୱାରା

୧ମବାର ପ୍ରକାଶିତ

CUTTACK

Printed by the Cuttack Printing Co.

LIMITED

1913

ମୂଲ୍ୟ ଟ ୦ ୬୨

Digitized by srujanika@gmail.com

ଚଉପଦୀ ବିଳାପ ।

(ମଙ୍ଗଳାଚରଣ)

୧—ରାଗ କାଫି । ତାଳ ଯତି ।

ରାଧାପତି । ତୁମ୍ଭ ରୂପ । ଚିନ୍ତୁ ଲଭେ ଜୀବ ଗତି ହେ ॥ ଘୋଷା ॥
ନଟବର ଠାଣି ଫୁଲଶର ପାଣି । ଦେଖି ତାର ଆଣି ଲୋଟିବ ଧରଣୀ ॥
ବଙ୍କ ଅନାଉଣୀ ନବୀନା ରମଣୀ । ହୃଦୟୁ ଦିଏ କାଢ଼ି ॥ ୧ ॥
ଦଳାମ୍ବର ତାଳରଙ୍ଗ ପୀତପଟ । ଶ୍ରୀଅଙ୍ଗ ନୀରଦେ ଯଥା ବିଦ୍ୟୁତ ॥
ଶିଖିପୁଚ୍ଛ ଗୁଚ୍ଛ ଶିରରେ ମୁକୁଟ । ଶୋଭେ ଇନ୍ଦ୍ରଧନୁ ମତି ॥ ୨ ॥
ମଧୁର ମଧୁର ମୁରଲୀ ବାଦନ । ବିଶ୍ୱ ପ୍ରମୋଦନ ଜଳଦ ନିଃସ୍ୱନ ॥
ଚିତ୍ତଗୃହକର ଆନନ୍ଦସଦନ । ଝରେ ଅମିୟ ପୁଟନ୍ତି ॥ ୩ ॥
ବାମଭାଗେ ରାଧା ଦକ୍ଷିଣେ ଲଳିତା । ମନୋହର ବେଶେ ଅତି ସୁଶୋ-
ଭିତା ॥ ବିହାର କରନ୍ତି ହୋଇ ଆନନ୍ଦିତା । ନୃତ୍ୟ ରଙ୍ଗେ ଛନ୍ତି ମାତି ॥
ବିରଜା ଆବୃତ ବୃନ୍ଦାବନପୁରୀ । ତହିଁରେ ବିଜୟ କରନ୍ତି ଶ୍ରୀହରି ॥
ନିଜ ପରଜନ ଦୁଃଖ ନାଶ କରି । କଟାକ୍ଷ ଭଙ୍ଗୀରେ ନୀତି ॥ ୫ ॥
ଭକ୍ତଗଣ ନିଜ କରୁଛନ୍ତି ସ୍ତବ । ନିର୍ମଳ କୀରତି ସଙ୍କଟରେ ଭାବ ॥
ଯହିଁ ବ୍ରହ୍ମ ଜୀବ ନ ପାଇଲେ ଠାବ । ଗୋବର୍ଦ୍ଧନ କି ବଦନ୍ତି ॥ ୬ ॥

Digitized by srujanika@gmail.com

୨—ଅପିଚ

ରାଗ କାଫି ଆଠତାଳ ।

ହେ ସୀତାନାଥ । ଭକ୍ତ ଡାକେ । ଯୋଡ଼ି ହେକହସ୍ତ ॥ ଘୋଷା ॥
ଦେଖିବ ବୋଲି ମୁଁ ଶ୍ରୀପଦ ଭୂମୁର । ଧାଇଁ ଅଇଲ ଟେ ପ୍ରଭୁ ପୀତାମ୍ବର ।
ତ୍ରୈଲୋକ୍ୟ ସୁନ୍ଦରରୂପ ମନୋହର । ପଡ଼ିଲା ମୋ ଦୃଷ୍ଟିପଥ ॥ ୧ ॥
ନବୀନ ଜୀମୂତ ଅତସୀକୁସୁମ । ନବ ଦୁର୍ବାଦଳ ଶ୍ରୀଅଙ୍ଗେ ଉପମ ।
କମଳଲୋଚନ ଅତ୍ୟନ୍ତ ସୁରମ୍ୟ । ଦରଶନେ ନଧ୍ୱ ଖ୍ୟାତ ॥ ୨ ॥
ହୋକନଦ ଛବି ହରଇ ଏ ପଦ । ସନ୍ନକଜନମାନଙ୍କର ଯେ ସମ୍ପଦ ॥
କଳୁଷି ଲୋକଙ୍କ ଫିଟାଇଣ ଫନ୍ଦ । ପୂର୍ ଦଏ ମନୋରଥ ॥ ୩ ॥
ଶରପତ୍ର ବଦେଶ କରି ଆତପତ୍ର । ଉଙ୍କାଇ ରଖିଛ ଆପଣେ ସ୍ୱଗୋତ୍ର ॥
ମୋହ ଧର୍ମକୁ ନ ହେଲା ପଶୁପତ୍ର । ଅତି ଅର୍ଥ ହେବେ ରତ ॥ ୪ ॥
ଜନକର ଜେମା ବାମଅଙ୍କେ ଧନ । ଅନୁଜ ସକଳେ ତନ୍ତ୍ର ପ୍ରାଣେ ମିଳ ।
ଅଞ୍ଜନାର ସୂନୁ ପାଦ ଧରି ଗୁଣ । ଅର୍ଘ୍ୟ ଦ୍ୟନ୍ତୁ ଯୋଗିଯୂଥ ॥ ୫ ॥
ବ୍ରହ୍ମା ରୁଦ୍ର ଇନ୍ଦ୍ର ଚନ୍ଦ୍ର ଦିଗପାଳେ । ସମ୍ମୁଖରେ କୀର୍ତ୍ତି ଗାବନ୍ତି ସକଳେ ।
ଯୋଗେଶ୍ୱର ଚରେ ଗୋବର୍ଦ୍ଧନ ଭାଳେ । ରହନ୍ତୁ ସେ ରଘୁନାଥ ॥ ୬ ॥

୩—ରାଗ ଭୈରବ ।

ତାଳ ଖେମଟା ।

ନ ଜାଣୁ ବ ସଜନ—ଯଶୋଦାସୁତ ॥ ଘୋଷା ॥ ଶତମନମଥ
ଯେନ । ସପତନେ ପଦ୍ମଯୋନ । ଋଷା ସାର କରନ୍ତି ଜାତ ॥ ୧ ॥
ଏ ବ୍ରଜମଣ୍ଡଳାଙ୍କର । ପୀରତ ସୁରଦ୍ଧଦ୍ୱାର । ଯା ପାଇଁ ଭୁହ ବାଭୁଜତ ॥ ୨ ॥
ଛନ ଚରଣ ଶୁଳନ୍ତି । ଦ୍ୱାରେ ଦ୍ୱାରେ ସେ ମିଳନ୍ତି । ଉରଜୁଁ କାଢ଼ନ୍ତି
ପଣନ୍ତି ॥ ୩ ॥ ଯାର ନାମ ଯୋଗିବୃନ୍ଦ । ଶ୍ରୀକୃଷ୍ଣ ହରି ଗୋବିନ୍ଦ ।

Digitized by srujanika@gmail.com

ଲଟକେ ମକରନ୍ଦ ପୀତ ॥ ୪ ॥ ସେ କୂଳ ଧରମ ବୁଡ଼ା । ବାନ୍ଧିଥାଏ ବାଟଙ୍କେ ଚୂଡ଼ା । ଯମୁନା ଜଳ ଯିବୁ ସଙ୍ଗାତ ॥ ୫ ॥ ଗୋବର୍ଦ୍ଧନ ରସେ ଭଣି । ଶୁଣିଣ ସେ ଦୂତୀବାଣୀ । ରାଧାର ତନୁ ପୁଲକିତ ॥ ୬ ॥

—※—

୪—ରାଗ ବିଭାସ ।

ତାଳ ତ୍ରିପଟା ।

ବାନ୍ଧବି ପାହୁଛି ରଜନୀରେ ॥ ଘୋଷା ॥ ମୋ ଜୀବନଜୀବନ ନ ଟେକୁ ଲପନ । କା ବୋଲେ ଏସନ ଭାବିନ ରେ । ୧ । ଜଣିଯାକ ତୋତେ ବୁଝାଉଛି କେତେ । ନ ଦେନୁ କର୍ଣ୍ଣତେ ଦସ୍ତିନ ରେ । ୨ ଯା ବେନନସ୍ଥଳ ଦେଖିନାହିଁ ଧନ । ତା ହୋଉଛି ପୁଣ ମୋହନ ରେ ।୩ ଦର୍ପକଦଳନା ଗୁଡ଼ ତୁ ବେଦନା । ନୁହଇ ଛଳନା ମୋ ବାଣୀ ରେ ।୪। ଗୋବର୍ଦ୍ଧନ କହ ଶ୍ରୀକୃଷ୍ଣ ବିନୟୀ । ମନେ ହସେ ରାଈ କାମିନୀ ରେ । ୫ ।

———

୫—ରାଗ ସିନ୍ଧୁ କାଫି ।

ତାଳ ଖାନ୍ଦ ଖେମଟା ।

ନୀପମୂଳେ ସଖୀମେଳେ ଦେଖିଲି ପୀତପଟିଆ । ପଦ ନ ଚଳଲା ମୋର ହେଲି ସ୍ଥାଣୁପରି ଠିଆ । ପଦ । କମନୀୟରୂପ ତାର ନବୀନବଦନୁ ସୁନ୍ଦର । ତ୍ରିଭଙ୍ଗେ ତେରଛେ ଶୃଦ୍ଧେ ମୁରଲୀରଟିଆ । ୧ । ବିକଚ—କମଳନେତ୍ର ଯୁବତମୋହନ ପାତ୍ର । ଫୁଲ ଶରସନ ଭୂରୁ କେଶପୁଞ୍ଜ ମୁକୁଟିଆ । ୨ । ଗଳେ ଚନ୍ଦନର ବିନ୍ଦୁ ନୀରଦ କୋଳେକି ଇନ୍ଦୁ । ଗୋରଚନା ତଭା ସବିତା ମଞ୍ଜୁ ଗୁଞ୍ଜହରପାଟିଆ ।୩। ବନଫୁଲ ପତ୍ରମାଳ ହୃଦରେ ଲମ୍ବେ ମଞ୍ଜୁଳ । ଶୁଣି ବଚନ ଗମ୍ଭୀର ମୁଁ ତ ଭୁଲିଗଲି ମାଠିଆ ॥ ସେହିବଦନୁ ଦେବରଜ ପଶୁସ୍ଥେ ସେ ମନସିଜ । ତନୁ ଖିନ୍ନ କରେ

Digitized by srujanika@gmail.com

ହେଜ ନାଗ ମହଜଳୁଟିସ୍ତା । ଶ୍ରୀ ଗୋବର୍ଦ୍ଧନ ଭଣେ କାହ୍ନ ତା ବିନୁ ତ
ଗାଢ କାହ୍ନ । ନହେଲେ ଚଳ ତୁ ଗୋ ସହି କାହ୍ନାକୁ ହେଲେ ପଠିସ୍ତା ।୬।

୬—ରାଗ ଉକ୍ତ ତାଳ ଉକ୍ତ ।

ଉପନାଥ ଦୂତୀ ବୋଧି ବେଗବେଗ ସେ ଚଳଇ । ଯମୁନା ପୁଳିନ-
ବନେ ହରିଙ୍କି ଯାଇଁ ଭେଟଇ । ପଦ । ଗୋପାଳବାଳ ମେଳସ୍ଥା ଶିଖି-
ଚନ୍ଦ୍ର ମଉଳସ୍ଥା । ନବୀନ ଯାମୁଜାଳସ୍ଥା କି କର କାନନେ ରହ । ୧ ।
ଚଲ୍ଲୁଳଚରୁ ଚଳସ୍ଥା କାହିଁକି ବାଙ୍କରୂଳସ୍ଥା । ତରୁଣୀ ଦମ୍ଭଟାଳସ୍ଥା
ବଙ୍କିମନେତ୍ରେ ଅନାଇ । ୨ । ମଲ୍ଲିକାଫୁଲମାଳସ୍ଥା । ମୁରଲୀରବାଳ-
ସ୍ଥା । ନବାକାଶ୍ରବଳସ୍ଥା ହଟିସ୍ଥା ଅନ୍ନେ ଜଗାଇ । ୩ । କସ୍ତୁରୀ-
ତିଡାଗ୍ରଳସ୍ଥା ମୋ ସଖିଚତ୍ତ୍ୱଦଳସ୍ଥା । କେବେ ହେଲ ଏ ଚଳଙ୍କୁ
ନନ୍ଦନା ନନ୍ଦନସ୍ଥି । ୪ । ସଫଣା କରଲାଳସ୍ଥା ବଧୂକୁଳତରଳସ୍ଥା
ମାନଦ୍ରୁ ମନର୍ମୂଳସ୍ଥା କିଏ ହେଲା ଯେ ଶାଖାଇ । ୫ । ଦୂତୀବାଣୀ
ଚଞ୍ଚଳସ୍ଥା ଶୁଣି ଘନଶ୍ୟାମଳସ୍ଥା । ଗୋବର୍ଦ୍ଧନ ଏ ବୋଲସ୍ଥା କଶୋର
ମନେ ହସଇ । ୬ ।

—❊○❊—

୭—ଋଗବେଦର ଗଉଡ଼ା ।

ତାଳ ଖେମଟା ।

ଶ୍ରୀମତୀଙ୍କର ପତ୍ରିକା ।

ଘନଜେମାର ଏ ନବେଦନ ଶ୍ୟାମଘନ । ଦାରୁଣ ମଦନ କର-
କନ୍ଦନ ଯେଉଁ ଦନୁ "ନ୍ଦେ" ଦେଖିଲ ବଦନ । ପଦ । କାଳନ୍ଦୀ
ସଲିଲ ଅଣିବାର ପାଇଁ ଯାଇଥିଲ ସେ ଦନ । ଯେଣିକି ଗୃହିଁଲେ
ଅନ କ ଦଶଇ ଦଶୁଥାଏ ଚନ୍ଦ୍ରମାଲପନ । ୧ । କି କାଢ଼ ବେଦନା

Digitized by srujanika@gmail.com

ହୃଦରେ ଉପୁଜେ ନ ଜାଣଇ ମୋହନ । ଚନ୍ଦନ ସୁମନ ଭୂଷଣ ଭ
ରୁଚେ ବସ ଦେଲଣି ସୁଧା ଅଶନ ।୨। ପିଇ ଭୃଙ୍ଗବାଣୀ କୁଜନ
ସୁମଣି ଅପୂର୍ଣ୍ଣ ଯାମ୍ୟ ପବନ । ଏ ସବୁ କାରଣ ଅଟନ୍ତି ଆପଣ ଦୋଷ
ଦେଇ ମୀନକେତନ ।୩। କି କହିବ ଆଉ ଅଛେ ମନ୍ଦାବାନ୍ଧ
ଜୀବ ଶୋଚେ ଶମନ । ନଗଧାରିବାଣୀ ଜଣେ ବୀର ଜାଣି ବନନ୍ଦି ଦ୍ୱାସ୍ତି
ଟିବାଲନ୍ତି ପୁଣ ।୪। ସତେ କି ଲଜ୍ଜତେ ମୋଲାଗି ବନଜାମଣି ପାଏ
କଷଣ । ଗୋବର୍ଦ୍ଧନ କହି ହର ବେଗେ ଯାଇଁ ସୁଧା ଦେବାକୁ ଦିଅ
ପରାଣ ।୫।

୮—ଦୂତୀଉକ୍ତି ।

ରାଗ କେଦାର ଗଉଡ଼ା ।

ତାଳ ଖେମଟା ।

ଶୁଣି ବୋଲଇ ଧନୀ ସଙ୍ଗିନୀ ହେ ବେଣୁପାଣି । ରମଣୀ ରତନ
ଦାରୁଣ କଷଣ ପାଉଅଛଇ ଶଶିବଦନୀ ।ପଦ। କୋମଳ କମଳ
ପଲ୍ଲବ ବିଛଣା ନ ଛାଡ଼ଇ ସଜନୀ । ଶଶିଙ୍କି ଦେଖି ସେ ସଦନେ ଲୁଚଇ
ନ ଶୁଣଇ ଭୃଙ୍ଗ ପିକବାଣୀ ।୧। କୁସୁମ ଭୂଷଣ ତେଜଣ ମୃଣାଳ
ହୃଦେ ମାଳା କଳାଣି । କୁଙ୍କୁମ ଚନ୍ଦନ କସ୍ତୁରୀ ନ ରୁଚେ ବଟାଳେଣୀ
ଦେଲେ ଅନୁକ୍ଷଣି ।୨। ସଜନଏ ନିଜ ଏକାଠି କର ବୃକ୍ଷାଚନ୍ତି ଦୁଲଣୀ ।
କମଳନୟନୀ ବୋଲଇ ସଖିଙ୍କି ଆଣ ଘେନ ଗୋ ମୋର ମିରଣି ।୩।
ନେନ୍ଦ ଥନ ଥନ କରେ ଗଣ୍ଡେ ଦଥଇ ପାଣି । ଦୂତୀମୁଖୁଁ କଥା ଶୁଣିଣ
ସବଥା ନଟନାଗର ବୋଲନ୍ତି ବାଣୀ ।୪। ଶ୍ରୀଲଭାବବତୀ ଯିବୁ-
ତାର କଡ ଭେଟାଇବୁ ଏମନ୍ତି । ଗୋବର୍ଦ୍ଧନ କହି କିଶୋରୀ ପାଇଁ
ଯାଇଁ ମିଳିଲେ ଶାରଙ୍ଗପାଣି ।୫।

Digitized by srujanika@gmail.com

୯—ରାଗ ସିନ୍ଧୁକାଫି ।

ତାଳ ଆଡ଼୍ଖେମଟା ।

ଘନଶ୍ୟାମ ଜସ୍ମା ରଙ୍ଗ କାଇଁଚମାଳ ଜସ୍ମା ଦେଖି । ଅଠାକାଠି ପକ୍ଷି ପରି- ମୋ ଅକ୍ଷି ରହିଲା ଲାଖି । ପଦ । ପୀତ କୁସୁମ ବସନ କାଛେଣି ପିନ୍ଧା ମୋହନ । ବିଜୁଳି କି ନବଘନକୋଳେ ଖେଳଇ ଗୋ ଲକ୍ଷି । ୧ । ରଙ୍ଗ କୁସୁମ ଅଧର ବାଣୀ ତା ସୁଧାରୁ ସାର । ତରଙ୍ଗର ବଣକର ଲାଲ- ଖେଳା ଫୁଲଅକ୍ଷି । ୨ । ଗୋରଚନା ତିଳା ଭାଲେ ଚନ୍ଦନ କଲ ଡ଼ା- ଉଲେ । ସୁନା କଣ୍ଠିରେ କି ଚେଟେଲେ କୁନ୍ଦକଡ଼ି ପ୍ରିୟସଖି । ୩ । ଧବଳ ମଲ୍ଲିକା ଭୋଡ଼ା ବେଣୀ କର୍ଣ୍ଣେ ଶୋଭେ ଯୋଡ଼ା । ନବକାଳୀ ଘାଗୁଡ଼ା ପୀରତ ବନ୍ଧଙ୍ଗ ଶିଖୀ । ୪ । ପୀତ ଶେତ ଯେ ରକ୍ତ ଚନ୍ଦ୍ରତ ସୁମନା ମିତ । ହୃଦରେ ମାଳ ଲୋଳିତ ଗନ୍ଧିଁ କେ ନୂପୁର ମୁଖୀ । ୫ । କଲାପିଚନ୍ଦ୍ରକ ଚହ୍ନିଁ ମଦନ ମଲ୍ଲିକା ଦେଇ । ବାନ୍ଧନ୍ତି ଚୂଡ଼ା ମଳାଇ ମୋହନ ମୁରଲୀ ଫୁଙ୍କି । ୬ । ଗୋବର୍ଦ୍ଧନ ବୋଲେ ଆଜ ଭେଟାଇବ ଦେବରାଜ । ମେଣ୍ଟିବି କାମ ଗରଜ ଶୁଣିଣ ସଙ୍ଗ ବଣାଣୀ । ୭ ।

— ꣸୦꣸ —

୧୦—ରାଗ ସିନ୍ଧୁକାଫି ।

ତାଳ ଆଡ଼ଖେମଟା ।

ଦୂତୀ ବାଣୀ ଶୁଣି ହର ବୋଲନ୍ତି ଶ୍ରୀରୁ ବଚନ । ନବବଧୂଜନ ପାଇଁ କି ଛାଡ଼ିଇ ଏ ବିପିନ । ପଦ । ସଖାଗଣ ସଙ୍ଗେ ନେଇ । ବତ୍ସା ଚେନା- ବୁଲୁଥାଇଁ । ମୋହନ ବଂଶୀ ବଜାଇ । ଜଗିଥାଏ ଫୁଲବନ । ୧ । କାଇଁ ଯୂଇ ଯେ କାଥଲୀ । କୁରୁବେଲ ଯେ ପାଟଲୀ । ଚମ୍ପକ ଗନ୍ଧ ସିମୁଲୀ । ମହି ଅବ ସୁଯଭନ । ୨ । ରୂପିଣ ଅଛଇ ଏହ । ବରଜ

Digitized by srujanika@gmail.com

ବାଳୀ ଟେକିଗଲ ନବ ନବ ଫୁଲ ବେଣୀର । ଯାଆନ୍ତୁ ନିଜ ସଦନ । ୩ । ମୋର ଅକଟ ନ ମାନ । ଭଣ ଭଣ କର ଚନ । ଏବେତ ଛଳ ବଚନ । କହ ମୋତୁଅଛ ମନ । ୪ । ସଦନରେ ମୁଁ ତ ବାଳ । ତୁମ୍ଭ ସଖୀ ତ ରସାଳ । ତାର ମୋର କାହିଁ ମେଳ ହେବ ଗୋ ଲଳନେ ପୁଣ । ୫ । ଉଦାର ଭାବ ଗୋପନ । କହନ୍ତି ବ୍ରଜମୋହନ । ବୋଲେ ଗୋବର୍ଦ୍ଧନ ତହୁଁ ଦୂତୀର ଭାଷଣ । ୬ ।

—୦ଃ✲ଃ୦—

୧୧ ରାଗ ସିନ୍ଧୁକାଫି ।

ତାଳ ଅଡ଼ତାଳି ।

ନଟପଟଲୀ ମୁକୁଟ ବଂଶୀଧର ନନ୍ଦସୁତ । ବାଳକ କାହୁଁ ଲମ୍ପଟ ବ୍ରଜପୁରେ ବସେ ହାଟ । ପଦ । ଏ ବନ୍ଧୁ କୁସୁମ ବେଣୀ କର ନେଲେ ବ୍ରଜନାରୀ । ତୁମ୍ଭେ ତାଙ୍କ ମନୋହାରୀ କରୁଅଛ ଛଟପଟ । ୧ । ଅଧିକେ ଶ୍ରୀମତୀ ପ୍ରାଣ ଆପଣେ ମଧୁସୂଦନ । କାହାଲାଗି ଲୁଚିବନ କେତେତ କହ କପଟ । ୨ । ଏବେ ମୋର ସଙ୍ଗେ ଆସ କଣେଶୋରୀ ସନ୍ତାପ ନାଶ । ଅମର ଦେଯ ଅଭିଳାଷ ପୂରାଅ ନ କର ମଠ । ୩ । ନ ଗଲେ ସେ ରାମାମଣି ଜୀବନ ତେଜିବ ପୁଣି । କ ଯଶ ହେବ ଧରଣୀ ଅଟେ କିଟକୁଳଘଟ । ୪ । ଦୂତୀ କଥାରେ ମଦନ ମୋହନ ହରଷ ମନ । ବୋଇଲେ ଚଳ ବଦନ ରାଜସୁତା ହେଉ ଭେଟ । ୫ । ଦାସ ଗୋବର୍ଦ୍ଧନ କହ ତାର ସଙ୍ଗେ ଭାବଗ୍ରାହୀ । ଗଲେ ଯହିଁ ଅଛୁ ରାଇ ହୋଇଲା ଭାବ ପ୍ରକଟ । ୬ ।

—✲—

Digitized by srujanika@gmail.com

୧୬—ଶୃଟକ୍ରି ଘଗ ସୁରଟ କାଫି ।

ତାଳ ଯତି ।

ସୁବ୍ରହ୍ମାବଛି ରେ । ପ୍ରାଣପ୍ରିୟରେ ସେକ ମଢରେ ମୋହର ଭୁବନଭରେ । ପଦ ।

କାହ୍ନା ଢୋଇରେ ଏମନ୍ତ । ସିଦ୍ଧ ଉଜଳୁ ଅଜବ । ଏ ନୂତନ ଉଚିତ ପଡରେ ॥ କମଳ କଢ଼ିକାଳରୁ । ଅଶାବରେ ଭୃଙ୍ଗ ଝୀରୁ । ପ୍ରଫୁଲ୍ଲ ଦେଖିଲେ ମୁଖରୁ । ନ ପାଏ ଯେବେତ । ମକରନ୍ଦ କେତେ ଅତୁର ହୁଅଇ ମନମତରେ । ୧ । ଦକ୍ଷିଣବାତ ସୁଗନ୍ଧ । ବହଇତ ମନ୍ଦ ମନ୍ଦ । ମଲ୍ଲିକା ଫୁଲେ ଦ୍ୱିରେଫ ମାତରେ । କୁହୁ କୁହୁ ଡାକେ ପିକ । ଚୂତଦ୍ରୁମରେ ଅଧିକ । ଶଶିରେ ଶୋଭା ବେଗ । କୁସୁମସାୟକ । ତା ଶରଘାତ । ଅଙ୍ଗେ ପ୍ରହାରେ ଯେ ଜାଣି ବ ମୋ ଗଢରେ । ୨ । ମାନ ଗୁମାନ ଭରଜ । କେଳଣି ସୁଖ ସରଜ । ମାନ୍ତି ମୁଖ ଦରଜ ସଢ ରେ ॥ ବାନ୍ଧବ ଧର୍ମମଣ୍ଡନ, ଯୋଗୀ ଯୋଗ ବିଖଣ୍ଡନ, ଆଜ ବି ସମ ଅବଣୀ । ମୁଁ ତାର ସେବକ, ଟେକ ତୋ ମୁଖ, ଦୋଷ ପଚ୍ଛକୁ ପକାଅ କର-ଗଢରେ । ୩ । ଅସ ମୋର କୋଳେ ବସ, ମଣ୍ତ୍ରିବଇଁ କେଶପାଶ, ଗୁନ୍ଥିଛି ମଲ୍ଲୀ ନଅଳୀ ଯାତରେ । ପୀନସ୍ତନେ ପତ୍ରାବଳୀ, ଲେଖିବି ଚନ୍ଦନ ଗୋଳି, ମୃଗମଦରସେ ଦଳି । ଏ ଗଣ୍ଡେ ମକର, ଲେଖିବି ତୋର, ମଧୁରଗିର, ଶୁଣାଅ ରସବନ୍ଧ ରେ । ୪ । ଗୋବର୍ଦ୍ଧନ ରସେ ଭାଷେ, ଶ୍ରୀକୃଷ୍ଣ ବଚନରସେ, ଶୁଣି ଶ୍ରୀମତୀ ହରଷ ଅତି ରେ । କମଳନୟନେ ଗୃହି, ଉନ୍ନତଭୁଜ ବଢାଇ, ଗାଢ଼ଭିଡ଼ି ରମାସାଇଁ । ଶ୍ରୀମୁଖ ଚୁମ୍ବିଲେ, ରସେ ମାତିଲେ, ଦେଖନ୍ତି ପାହାନ୍ତି, ସୁଖରେ ସମସ୍ତରେ । ୫ ।

—୦୫୫୦—

Digitized by srujanika@gmail.com

୧୩—ରାଗ କେଦାର ଗୌଡ଼ା ।

ତାଳ ଖେମଟା । କେଳି ଶେଷ ।

ମିଷ୍ଟାଳାପ ।

ଅଜ ବ୍ରଜୋଦଧୀ ନାଗରେଶ କେଳିଶେଷ ।

ମାଧବୀକୁଞ୍ଜରେ କେଳି ତଳପରେ ବେନିଜନଙ୍କ ଚାରୁ ଦରଶ । ପଦ । ଅଙ୍କରେ ଶ୍ରୀମତୀ ବସାଇ ଶ୍ରୀପତି ଶ୍ରୀମୁଖକୁ ସେ ନିରେଖି । ତୋର ପ୍ରେମଧନେ ସଦା ମୁହିଁ ଧନୀ ନ ପାଶୋରିବୁ ମନୁ କାମିଣି । ୧ । କମଳିନୀ ଶୁଣି ବୋଲଇ ଛଳାଇ ଏହି କଥା ନୁହେ ସତ । ପାଶେ ଥିଲେ ମୋର ପଛେ ଥିଲେ ପର କରନ୍ତି ଭୃଙ୍ଗ ପୁରୁଷ । ୨ । ମନ୍ଦହାସ କରି ପୀତବାସ ଶୋଭି ଚିବୁକରେ କର ଦେଇ । ବେନଭାଗ ଜଳ ନିନ୍ଦଇ କି ମେଳ ଶଶିମୀନ ବା ଖଡ଼େ ନଦୀଶ । ୩ । ବରଜଯୁବତୀ ବୋଲେ ଘନରସ ସରିଲୁ ଯେବେ ସରଇ । ତାର ନୀରନିଧି ଭେଟ ଦେବକାହିଁ ଛନ୍ଦି ଘନଇ ପୀରତିରସ । ୪ । ଭ୍ରମନ୍ତି ମଧୁପ ସଦା ରସ ପୂର୍ଣ୍ଣ ଲଗି ରଥୀ ଅନୁ ଭୁଜ । ମୁହିଁ ଯେ ଅଚଳ ତ୍ରିଦଶର ଯକ୍ଷ ଜଳେ ଉନ୍ନତ ନୂଦେ ଅନ୍ୱେଷ । ୫ । ଏହିମତ ଭକ୍ତି ଦ୍ୱାର ଦରଶଣୀ ନିଧୁବନରୁ ଛେକ ପାଣି । ନିଜ ନିଜ ବାସେ ଚଳିଲେ ତରସେ ଗୋବର୍ଦ୍ଧନର ଦ୍ୱାରସ ଘ୍ରାଣ । ୬ ।

—o:O:o—

୧୪—ରାଗ କେଦାରଗୌଡ଼ା । ତାଳ ଖେମଟା ।

କେଳିବାହୁଡ଼ା ।

କୁଞ୍ଜବନରୁ ଚଳଇ ପୁର ଶ୍ୟାମବର ।

ଛକତଦ୍ୱରଣୀ ପର ଛନ ଛନ ମନ କନ କନ ନେହ ଭାର । ପଦ । କେଶ ଭାସ ଫିଟି ପଡ଼ଇ ତ ଲୋଟି ଝୁଣ୍ଟି ଝୁଣ୍ଟି ଶୃଙ୍ଗାର । ନିଦ୍ରନିର ମନ୍ଥା କମଳ କ ଭାସି ଯାଉଅଛଇ ତରଙ୍ଗୋପର । ୧ ।

Digitized by srujanika@gmail.com

ହେଉମନା ତନ୍ତୁଁ ବାହାର କନକଲତା କି କରେ ସଂଶୟ । ମାରବ୍ୟାଧ ଭୟେ ବସନ୍ତପକ୍ଷୀ କି ଲୁଚିଥିଲା ସେ ହେଲା ବାହାର ।୨। କସ୍ତୁରୀ ଚନ୍ଦନ କପାଳୁଁ ଲଭିଛି କପୋଳେ ଚିହ୍ନ ଉଦର । ଭାଲୁଁ ପୋଛି ଏକ ସିନ୍ଦୂର ବିନ୍ଦୁ କି ଗଣ୍ଡେ ମଣ୍ଡିଲେ ଶ୍ରେଣୀରେ ଜର ।୩। ପତ୍ରାବଳୀ ସ୍ତନ ଦେଶେ ନାରଙ୍ଗାର କରଜଦାଗ ଅପାର । କୁମ୍ଭିକୁମ୍ଭେ କି ବା ଲସିବ କେଶରୀ ବିଦାରଣ ତ କେତେକ ବେଷର ।୪। ଜବା ରତ୍ତ ରପେ ଜମ୍ବୁ ଲଭିଛି କୁଚ ଡାଲ ପାଲ୍ଲବ ଉପର । କାମ ଖାମ୍ବ କୁନ୍ତ ବାଜ କି ଏମନ୍ତ ଲଗାଯାଇ ତା ନାହିଁ ଅଧର ।୫। ଚତୁର୍ବନ୍ଧ ଗୃହିଁ ଚର ଚର ହୋଇ ଯାଉଁ ଯାଉଁ ଫୁଲହାର । ଛିଣ୍ଡିପଡ଼ୁ କରେ ସମ୍ଭାଳ ନ ପାରେ କଟି କିଙ୍କିଣୀ କରେ ଅସ୍ଥିର ।୬। ମାର ମାର ଜୟଧ୍ୱନି କରଇ କି ପରତେ ରସନା ଗିର । ନାମେ ଗିରଇନ୍ଦ୍ର ଭାଷେ ନାଗରୀନ୍ଦ୍ର କେହ୍ନ ନ ଦେଖୁଁ ମିଳଇ ଘର ।୭।

—ଃ୦ଃ—

୧୫—(ସୁରଟ) ରାଗ କାଫି । ତାଳ ରୂପକ ।

(ଗତ କେଳସୃ ତ ।)

ସେ ରମା ପ୍ରୀତିରେ, ଶତ ଗଢରେ, ରଙ୍ଗେ ମାଢଣ ମଞ୍ଜିଲ ରସ—ବତୀରେ । ପଦ ।

ତା ଶାଢ଼ୀ ପଣତ ଧଇ, ବଉସନନ୍ଦାଳେ ଗୋଟି, ଅଡ଼ମୋଡ଼ା ହେଉଥିବା ବାଢରେ । ଉରଜମୂଳ ଦେଖାଇ, କେବେ ଭଙ୍ଗି କଲା ସହି, ଭୂରୁ ଧନୁରେ ଚଢ଼ାଇ । ଅଞ୍ଜନ ପୁଗୁଣ, ଅପାଙ୍ଗବାଣ,, ଖାଣି ମାରଣ ହସିଲ ଗଜଗଢରେ ।୧। ବାସକୁ ହରନ୍ତେ ତାର । ଲଜ୍ଜାରେ ହୋଇ ଅଭୁର, ହୋଲେ ପଶିବାର ଠାଣି ଚନ୍ଦ୍ରେ; ଅଙ୍କରେ ବସାଇ ମୋର, ଗଣ୍ଡେ ଚୁମ୍ବିଲ ସଭୂର, ଓଷ୍ଠୁଁ ପିଉଁ ସୁଧାଧାର,

Digitized by srujanika@gmail.com

ଚନ୍ଦନ ଶୋଷିଲା, ଏହା ଭୂଷିଲା, ଦଶନ ଦାଗ କଦଳୀ ପ୍ରାଣ ପଡ଼ିରେ ।୨
କୁଚଶମ୍ଭୁ ପାଣିଲାଗି, କଲବାରୁ ସୁନାଅଙ୍ଗୀ, କର୍ଣ୍ଣଜ ଦାଗରେ କଣ୍ଠ
ଶୀତରେ, ଲୋଭିଲା ସଖୀ ଦେଖିବେ, ଉପହାସ ଯେ କରିବେ,
ଇଙ୍ଗିତେ ମୋତେ ସାରିବେ, ଆରମ୍ଭ ସୁରଙ୍ଗ, ସେ କୁନ୍ଦଦନ୍ତୀ, ପ୍ରଦୀପ
ନିଭ ଯାଉଁ ମୁଁ ବେଗ ଗଡ଼ିରେ । ୩ । ଅଣିଧର ଗାଢ଼ କର, ପ୍ରିୟ
ତୋଷକ ଅଧର, ଗନ୍ଧ କପଟରେ ଭାବ କଳାରେ, ଉନ୍ମୁଁ ଛପି ବାଣୀ-
ବାର, କିଷୁଣ କଲେ ଶୃଙ୍ଗାର, ମୁଖୁଁ ପାନ ଚଟ ଚାରୁ, ମୋ ମୁକ୍ତ
ଖସିଲା, ଅଣା ପୂରିଲା, ଯୋଦ୍ଧେ କହିଲା ଯାନାଲା ଥାଇଁ ଖଣ୍ଡରେ । ୪ ।
ବଜାଉଁ କାଞ୍ଚୀନୂପୁର । ଶୃଙ୍ଗଦେଉଁ ମାରପୁର ॥ ପଳାଇ ଗଲାଣି ରତି
ପଞ୍ଚରେ ॥ ମୋଡ଼ିବାର ଫୁଲମାଳ । ବେଣୀ ପୁଷ୍ପେ ନାଶା ଫୁଲ ॥
ନାଚିବାରୁଁ ଝୁଲ ଝୁଲ । ଚତୁରିକ ଫେରଇ । ପୁଣି ମଞ୍ଜାଇ । ଲୀଳା-
ସଳରେ । ରହିଲା ଗୁଣବତୀ ରେ । ୫ । ଜାଣେ ତା ମନ ମୋ
ମନ । ସବୁ ଜାଣଇ ମଦନ । ଶୁକ ଶାରୀ ଏହା ଦେଖିଛନ୍ତି ରେ ।
ଚନ୍ଦ୍ରାତପ କେଳି ବାସ । ଫୁଲତଳପ ବିଶେଷ । ବାତାୟନେ
ରଜନୀଶ । ପ୍ରଦୀପ ଯାମିନୀ । ସେ ଚନ୍ଦ୍ରାନନୀ । ମୁହିଁ ତା ସଙ୍ଗ । ଲଭିଲି
ଭାଗ୍ୟେ ମିଳିରେ ।୬। ଗୋବର୍ଦ୍ଧନ ରସେ ବୋଲେ । ଗତ ରତିକଥା
ଭୁଲେ । ରସିକେ ବୁଝିବେ ଶୁଚିମଣ୍ଡରେ । ନବତରୁଣ ଯେ ହୋଇ ।
ନବାନାରେ ପେ ରସଇ । ଅଷ୍ଟମ୍ପ୍ରୀତିଶିକ୍ଷଣ । ବୁଝାଇ ନାରଟେ ।
ଦେଖି ପୁରତେ । ବାଳା ଉଲଙ୍ଗ କରିଣ ରସେ ନାଚରେ । ୭ ।

୧୬—ରାଗ କେଦାରଗୌଡ଼ା ।

ତାଳ ଖେମଟା । କେଳିପ୍ରଶଂସା ।

ହସିକେଳୋଦନ୍ତହାସୀ କହି ସଖୀ ତହିଁ । କାଳି ପ୍ରାଣେଶ୍ୱରୀ ପ୍ରଣୟ-
ଚତୁରୀ ଘନରସରେ ଦେଲା ଭସାଇ । ପଦ । ଦୁହିଁ ସଙ୍ଗେ କାଳି

Digitized by srujanika@gmail.com

ନଖୁଚ୍ଛେ ମିଳନ୍ତି ଦେଖିଲି ଶଶାଙ୍କମୂର୍ତ୍ତି । କମଳପଲ୍ଲବ ଶଯ୍ୟାଉପରେ ମାରବେଦନାରେ ଅଛୁ ଶୋଇ । ୧ । ମୋତେ ଦେଖି ଗୋରୀ ପୂର୍ଣ୍ଣି-ଶଶୀ ଦେବର କୁମୁଦନୀ ଉଲ୍ଲସଇ । କମଳନୀ ବାଳୀ ଦିନେଶ ଦେଖିଲା ତାପ ତମିର ଗଲା ପଳାଇ । ୨ । ତହୁଁ ମୁହିଁ କେତେ ମତରେ ଚାଟୁତା କରି ଜାନୁରେ ବସାଇ । ପାଇ ଅନୁମତି ରସିକାଯୁବତୀ ନୀବୀ-ବନ୍ଧକୁ ଦେଲି ଖସାଇ । ୩ । ପ୍ରଥମେ ସୁରତି ଅରମ୍ଭ ସ୍ମିତ ନେତ୍ରେ ଭଙ୍ଗି କଲା ରହ । ନଖ ଦନ୍ତଘାତ ଉଠୁଁ ହସିକରି "ଇସତୁମ୍ଭନେ" ମୁଖମୋଡ଼ଇ । ୪ । ପ୍ରିୟ ଚୋପକରେ ସ୍ମରଦର ଗୃଜ କପୋଳେ ନେଇ ଚୋଷଇ । ବିପରୀତେ ଶଜଳବଇ ମୁମ୍ଭିଗିର ପାଣିରେ ଦେଇ ଚଳାଇ । ୫ । ସେ କାଳେ ସ୍ୱାଦ୍ୱା ମୁଖରୁ ଚର୍ବିତ ତାମ୍ବୂଳ ମୋ ମୁଖେ ଖସଇ । ବେଣୀ ନାସାମଣି ଝୁଲ ତା କିଙ୍କିଣୀର କି ମଞ୍ଜୀର ନାମେ ଗର୍ଜଇ । ୬ । ଗାଢ଼େ ଭଡ଼ାଭଡ଼ି ତନୁକ ଭୁଜିଛି ଫୁଲଶର ଗଲା କାହିଁ । କହେ ଗୋବର୍ଦ୍ଧନ ନାଗରରତନ ଧନୀ ପ୍ରୀତିରେ ନିଦୀ ପୁହାଇ । ୭ ।

୧୨—ରାଗ ଶୁଭ୍ରାଗିନୀ ବା ଆନନ୍ଦଭୈରବୀ ।

ଗୋ, ପ୍ରାଣସହି । ଘନଶ୍ୟାମ ବିନୁ ଆନ ନ ଜାଣଇ । ଘୋଷା ।

ଯେଣିକି ଚାହିଁଲେ ମୁହିଁ । ଚନ୍ଦ୍ର କା ରୂପେ ଶୋହି । ଚନ୍ଦ୍ରାନନ ଦଶୁଥାଇ । ଶୋଇଥିଲେ । ସ୍ୱପ୍ନେ ଦେଖୁଥାଇ । ୧ । ମୁଖେ କହୁଁ ଯେ ବଚନ । ବଳାତ୍କାର ନନ୍ଦନାନ । ଆସୁଥାଇ ପୁଣ ପୁଣ । ଅପ-ଲକ । ମୋତେ ଲାଗୁଥାଇ । ୨ । ଗୃହକର୍ମରେ ମୋ ମନ । ନ ଥାଇ ସଜନ ଜାଣ । ତା ଛବି ଚିତ୍ରମାନ । ହୃଦୟରେ । ଜାଗି ରହିଥାଇ । ୩ । ରତିଲୀଳା ଶତକୋଟି । ଦୋଇଣ କି ଏକଗୋଟି । ଅମ୍ଭ କୁଳାଙ୍କୁର କୋଟି । ତାର ପାଇଁ । ଜଳିଛୁ ଏ ଥାଇ । ୪ । ନାଗର କିଶୋର

Digitized by srujanika@gmail.com

ହରୁ । ମୁଖୁଁ ସୁଧା ପନ ହର । ନାଭିହ୍ରାଡ଼ରୁ ଉଦ୍ଧର । ହିଙ୍କ ସରେ । ପରବେ କ ଯାଇ । ୫ । ତାଙ୍କୁ ନ ଦେଖିବାଯାଏ । ଚତୁ ଅନନ୍ଦ ନ ଥାଏ । ଗୋବର୍ଦ୍ଧନ ଉପେ କହେ । ଧନୀ ଦୁଃଖ ମିଟେ କହୁଥାଇ ।୬।

୧୮—ରାଗ ଶୁଭଗିନୀ ବା ଅନନ୍ଦଭୈରବୀ ।

ଗୋ, ପ୍ରିୟଦୂତି । ମୋର ଧନୀ ବିନୁ ଅନ ନାହିଁ ଗତି । ଘୋଷା ।

ଅଳେଖ୍ୟଲା ଛଇଳା ବାଳୀ । ଭ୍ରୂନୁକେମା ପ୍ରେମକଳୀ । ତା ଭୂରୁ-ଭଙ୍ଗୀ ସଞ୍ଚାର । କରିଅଛି ଭୂଷା ସେ ଧରଛ ।୧। ଦନେ ନ ଦେଖିଲେ ମୁହିଁ । କୁରଙ୍ଗୀ ପ୍ରାୟେ ଝୁରଇ । କେ କେ ମନ ହୋଇ । ଭେଟିବାରୁ ଯାଏ ରସବତୀ ଗୋ ।୨। ଦଧି ଜନକ ଗୋଷ୍ଠୀ । ବଚନ କେତେ ମିଠୀ । ସରକେ କାମକଥୂଷି । ଯୁବାଦମ୍ଭ । କାଟଇ ଭୁରୁଦ୍ଧ ।୩। ଶୁଣିଲେ ତା କଥା ପଦେ । ସୁନାଶୀର ଦନ୍ଦପଦେ । ମୋର ଲୋଟିଯାଏ ହାଦେ । ନାଗଶିକୁ । ସମ ନାହିଁ ମିଛ ।୪। କି ଗୁଣ ତାର କହିବ । ଲେଖି ପାରେ କେବା ତୁଷ୍ଟ । ତାର ରସରେ ରସିବ । କ ଗୋ ଯତେ । ହରେ ଯତ ମତି ।୫। କୁଞ୍ଜକୁଟୀ ପ୍ରୀତିଲତା । ମଣ୍ଡି ଛଡ଼ାଉ ମୋ ଚିନ୍ତା । ଗୋବର୍ଦ୍ଧନ ଏ ବକ୍ତା । କାନ୍ତପୁତ୍ରୀ ଅନକ ବୋଲନ୍ତି ।୬।

୧୯—ରାଗ କେଦାର । ତାଳ ଆଡ଼ଖେମଟା ।

ଦେବବାଣୀ ଶୁଣି । ସଖୀ ବୋଲଇ ସ୍ନେହରେ ଧନମାନଙ୍କ । ଘୋଷା ।

କେଉଁ ପ୍ରିୟବତୀ ସ୍ୱପନେ । ରତିରଙ୍ଗେ ଚୋଡ଼ି ବଦନେ । ଶୃଙ୍ଗ-ଗତେ କାହିଁ ଦଇନ ସେ ଦେଇ ତାହାପାଇଁ ତନୁ ସ୍ମୀଣ କାହିଁକି ।୧। କେତେ ସୁଧା ତା ମୁଖେ ଥିଲା । ପିଅଇ କି ମନ ହରଲା । ତା ଗୁଣ କଥନ ନେକ ଥନ ଜନ କରଇ ଚନ୍ଦ୍ରଣ ରସବନ୍ତୀକ ।୨। ଭଙ୍ଗୀଶୃଙ୍ଗ

Digitized by srujanika@gmail.com

ବଙ୍କଗ୍ରୀବାଣୀ । ହୃଦେ ଜାଗିଉଠେ ବ ପୁଣି । ହସିହସିକର ଛଟକଟନ ଭ୍ରମୁର ଜୀବନ ନେନ୍ତି କଣି ବ । ୩ । ତାର ବିବସନ ଲୋଚନ । ସଫଲତା ନେବ କୃଷ୍ଣ । ପୁରୁଷାୟିତରେ ମନ୍ଥିର ଗଢରେ ଏ କଥା ମୂଚ୍ଛିତ୍ତ ନୋହୁଅଛୁ ବ । ୪ । ତୋର ଲାଗି ନନ୍ଦନନ୍ଦନ । କମ୍ପା କରୁଅଛୁ ଗ୍ରିବନ । ଉପାୟବଳରେ ଧନୀ ଭେଟାଇବ ସେବାଙ୍କର ଯାଇଁ ଶୂଳପାଣିଙ୍କ । ୫ । ଭଣେ ଭ୍ରଷେ ଶ୍ରୀ ଗୋବର୍ଦ୍ଧନ । ମଧୁ ବୋଧ ରମା ରମଣ । ଲଳିତା ସଙ୍ଗରେ ନର୍ତ୍ତକେ ଗ୍ରିଜଣ ଭୁରଭେ ପଠାଏ ଗମନ୍ତିଙ୍କ । ୬ ।

୨୦—ରାଗ କେଦାର ।

ତାଳ ଅଡ଼୍ଖେମଟା ।

ବେଗ ବେଗ ଦୂତୀ । ଯାଇଁ ରମଣୀମଣିଙ୍କ ଚନ୍ଦ୍ରେଁ ଭେଟଇ ॥ ଘୋଷା ॥ ଭାବନୀଙ୍କ ବୋଲେ ସଙ୍ଗିନୀ । ଦାରୁଣୀକଣଶି ବଦନୀ ॥ ଚତୁରବରଙ୍କୁ ସନ୍ତାପ ସାଗରେ ଏ ଗତ ନିଶୀରେ ଦେଲୁ ଭସାଇ ॥ ୧ ॥ ଯେତେ ସୁଖ ଦେଲୁ ସ୍ୱପନେ । ତାହା କହି ନୋହେ ବଚନେ ॥ ସେହି କଥା ଝୁରି ଖୀଣ କରେ ଶୀଘ୍ର ଜାଉଭେ ତୋ ରୂପ ଚନ୍ତା କରଇ ॥ ୨ ॥ ଚଖାଇଲୁ ମୁଖୁଁ ପୀୟୂଷ । ଦେଉଁକୁ ଏଡ଼େ ପରସ ॥ ନବଯଉବନ ତା ମନ ମୋହିଲୁ ନାଗର ନାଗରେ ହଟା ବସାଇ ॥ ୩ ॥ ସରଳା ତୁ ହୋଇ ଭୁଟିଲା । ଶୁଣି ବୋଲିବେ କ ସୁଶୀଳା ॥ ରସନା ଯାହାର ସ୍ୱାଦୁକୁ ବୃଷିତୁ । ପାଇଲେ ତାହାକୁ ସେ କ ଛାଡ଼ଇ ॥ ୪ ॥ କହେ ଭଣେ ଶ୍ରୀ ଗୋବର୍ଦ୍ଧନ । ବୋଲେ ଦୂତୀ ସାର ବଚନ ॥ ଶ୍ରବଣେ କଙ୍ଗୀ ହୋଇ ଅନୁରାଗୀ ନାଗର ବେଦନା ତାରେ ବୋଲଇ ॥ ୫ ॥

Digitized by srujanika@gmail.com

୨୧—ରାଗ କେଦାର

ତାଳ ଅଡ଼ତାଳିମଣ୍ଠା ।

ସ୍ୱାମୀ ସ୍ୱପ୍ନେ ଯୁବା । ବର ମୋ ଚନ୍ଦ୍ର ବଦନରେ ବାଳ ଜଶୀରେ ॥ ଘୋଷା ॥ ଏକା ଶୋଇଥିଲି ମୁଁ ଶେଯେ । ମୋର ପାଖେ ବସିଲେ ଲକ୍ଷେ । ଅମୃତ ବଚନେ ମୋତେ ବସାଇଲେ । ନାହିଁ କରୁଁ ୨ କୋଳେ-ରେ ॥ ୧ ॥ ମୋର ଅଙ୍ଗୁ କାଞ୍ଚୁଳି ଫେଡ଼ି । କରଇ ମୋ ଉରଜ ଯୋଡ଼ି ॥ ଡାହାଣ ଗଣ୍ଡରେ ଚୁମ୍ବନ ମଣ୍ଡିଣ ॥ କର ପକାଇଲେ ତନ୍ତ୍ରୀ ନୀବିରେ ॥ ୨ ॥ କ ଜାଣେ ସେ କେ ଜାଣିପାର । ମାରଣର କୋଟି ଜନ୍ତୁରେ ସାର ॥ ପ୍ରତାପେ ପଣ୍ଡିତ୍ ପକାଉଁ ଶପଥ କରଇଁ ପୁରୁଷାସ୍ତ୍ର ରଙ୍ଗରେ ॥ ୩ ॥ ଅଚେତରେ ସଚେତପରୁ । ବିଚକ୍ଷରେ ସୁରଭି ସାର ॥ ଯୁଣି ଫୁଲ ଗଭା ସାଜିଣ ସେ ବାସ ॥ ପିନ୍ଧାଇଲେ ସହ ନିଜ କରରେ ॥ ୪ ଚତୁର ଧର ସେ ବଚନ । କହୁଁ ନିଦ୍ରା ନାଶ ମେଘଣ ॥ ପାଶରେ ନ ଦେଖି ସନ୍ତାପେ ମୁଁ ଦୁଃଖୀ । ଗୋବର୍ଦ୍ଧନ ବୋଲେ କ କହୁ ମୋରେ ॥ ୫ ॥

୨୨—ରାଗ କେଦାର ।

ତାଳ ଅଡ଼ତାଳିମଣ୍ଠା ।

ବିଷ ବୃତ୍ତି ବନ୍ଦେ । ଗୋପୀ କେବଳକନ୍ଦର ସମାନ ଦଶା । ଘୋଷା । ସଜନ ଲୁ କୁଞ୍ଜବନକୁ । ସଜ ହୁଅ ବନ୍ଧୁ ପାଶକୁ ॥ ତୋ ମୁଖ ନ ଦେଖି ତା ଦୁଃଖ ବଢ଼ିବ । ସନ୍ତାପ ବଢ଼ିବ ତୋର ସୁକେଶୀ । ୧ । ଅଭିସାର ଫେଡ଼ି ଧୂର୍ତ୍ତ । ଆଣି ବେଶ ସାଜ ସୁବ୍ରତ ॥ ଅସିତ ଜଶୀରେ ନୀଳବାସ ପିନ୍ଧ । ମୃଗମଦ ଅଙ୍ଗେ ଦେଇ ସୁରସା । ୨ । ନୂପୁର ଚରଣେ ଗୁଞ୍ଜିବା । ଫଣୀ ମଣି ଭୂଷା ଚଭୁକି ॥ ଏମାନ ନ ଦେଇ ବନ୍ଧୁର କଙ୍କଣ । କରରେ

Digitized by srujanika@gmail.com

ନ ଭରରେ ମଦାଳସା । ୩ । କସ୍ତୁରୀ କେତକୀ ଯେ ଚମ୍ପକ । ଗ୍ରନ୍ଥି ଶିଣ ଅତ୍ର ଫୁଲଯାକ ॥ ଉପବନ୍ନୁ ଶୋଭ ଦେଉଛି ସଙ୍ଗୀତ । ଗଭୀ ସାଙ୍କ ଅଙ୍ଗ ପୁରୁଷ ଅଶା । ୪ । ଗୋବର୍ଦ୍ଧନର ସେ ଭଣିତ । ଦୂତୀ ବନ୍ଧୁ ସଙ୍ଗିନୀ ଯୂଥ ॥ ବେଗ ସେହମନ୍ଦ ବେଶ ବରଚଲେ । ଯେଣୁ ଅଙ୍ଗୀ କାର କଲ୍ପ ସେ ଯୋଷା । ୫ ।

—୦୩୦—

୧୩—ରାଗ କେଦାର ଗୌଡ଼ା ।

ତାଳ ଖେମଟା ।—ଶ୍ରୀମତୀଙ୍କ ଉକ୍ତି ।

ଦୂତୀ କହ୍ମାଇ କଇଲେ ପତି ଅଜ ଘତି । କହିଁ ଗୁଣବତୀ ଦର ତାଙ୍କ ପତ ସେନଗଲ୍ପ 'ରେ' ନଜର ବସତ । ପଦ ।

କଟ ପ୍ରୀତ ପଟ ନ ଜାଣି କପଟ କଲ ନୂଆ ପୀରତି । ତାର ବୋଲେ ସଜ୍ଜ ନେଳବାସ ସାଜ ଦେଖ ଉତ୍ପ୍ରଲେ ଯେ ଶୀଖପତ ।୧। ଜାନ ଦୀପାବଳ ଉଜାଗରେ ଭାଳ ଜଣୀ ହେଲ୍ପ ପାହାନ୍ତ । ତନୁ ମନ୍ତ୍ରିବାର ବୃଥା ହେଲ ମୋର ମାର ମାରଣା କାଟେ ବିକୋଉ । ୨ । ଅତ୍ର ବେନୁପାଣି ଆସିବା ମିତଣୀ ଆଶା ପଳା କରନ୍ତି । ସଜଳ ନୟନୀ ମୁଁ ଯେ ଅନ୍ତଗିମାଅଗ ନ ଥିବେ କେହ ଧରନ୍ତି । ୩ । ଫୁଲ ... ଦାସ ହେଲରେ ବସ୍ତୁସି ରନ୍ଧୁ ବନ୍ଧୁ କାରତ । ଗୋବର୍ଦ୍ଧନ ଭଣୀ କଶୋରୀର ବାଣୀ ଶୁଣି ପ୍ରବୋଧେ ସଖୀ ଭାରତୀ । ୪ ।

୧୪—ରାଗ କେଦାର ଗୌଡ଼ା । ତାଳ ଖେମଟା ।

ଦୂତୀ ଉକ୍ତି

ଚନ୍ଦ୍ରା ଝୁଡ଼ରେ ସଜ ହୁଲଣୀ ସେନ ବାଣୀ ।

ଦଅ ଭୁ ଉଦନ୍ତ ବୃହିଣ ବୃତ୍ତାନ୍ତ ସନ୍ଧ ଦେହବେ ହର କାଲି ଅଣି ।ପଦ।

ଯନ୍ଦ ଅନ ନାଗୀ କଣରେ ମୁଗ୍ଧ ... ଏବେ ରମଣୀ । ତୋ ହୁଃଖ

Digitized by srujanika@gmail.com

କଥନ କରଇ ପ୍ରସନ୍ନ ହୋଇବଇଁ ମୁଁ ହେ ଶଠମଣି । ୧ । ହେବେ
ଯଦ କଥା ହୋଇବ ମୋ ବୃଥା ଦେଖାଇବ କରଣି । ଭେଲକ ମନ୍ତ୍ରରେ
ପୁଣି ଭଙ୍ଗୀ ଗିରେ ମନେ ନ ପଡ଼େ ବରବରଣୀ । ୨ । ନାସ୍ତିମନ୍ଦସ୍ମିତ
ଶିଖି ରମାପତ୍ତି ବର୍ଣ୍ଣାଇ ଭାବୁଛ ଛଇଲାମଣି । କହୁଲତ ଯାହା
ନ କଲତ ତାହା କଲ ବଂଶୀଖ କଳଙ୍କିନୀ । ୩ । ଏସନ କହୁଣ ଅଣ
ନନ୍ଦନାନ ଭେଟାଇବ ମିତଣୀ ॥ ଗୋବର୍ଦ୍ଧନ କହ ଲୁହ ପୋଛିଦେଇ ଗନ୍ତ
ଦୂତୀ ପୂଜ ଭବାନୀ । ୪ ।

୨୫—ରାଗ ସାବେରୀ ।

ତାଳ ଯତି ।

ପ୍ରେମବନ୍ତ ରେ । ସ୍ୱପନରେ ଅଜ ତୋତେ ଦେଖିଲି ସୁମତ୍ତ ॥ ଦୋଷ
ଶଯ୍ୟାସଦନରେ ଉଭା ହୋଇ । ତନୁ ମଣ୍ଡି ରହିଥିଲୁ ସହି ॥ ଅକ-
ସ୍ମାତେ ଭେଟିଲି ମୁଁ ଯାଇଁ । କୋଳ କରି ଚୁମ୍ବିଲି ତୋ ମୁଖଚନ୍ଦ୍ରକାନ୍ତି ॥ ୧
ତହୁଁ ଲଜ୍ଜାସ୍ରୋତରେ ଭୁ ପଡ଼ି । କୂଳ ନ ପାଇଣ ଏଡ଼ାଏଡ଼ି ।
କରୁଁ ଗାଢ଼େ ପୀନ ସ୍ତନ ଯୋଡ଼ି । ଧରି ମୁଁ ଭାସଇଁ ବନସ୍ଥ ରସ
ଉନ୍ନତ ॥ ୨ ॥ ମୋତେ ଅଜ ତୁହି ରତିଦାନ । ଦଅ ନ ଛାଡ଼ିବି
ଜୀବଧନ ॥ ତୋର କଟାକ୍ଷରେ କାମବାଣ ତୁମେ ତୁମେକେ ସନ୍ଧାନ
କଲିଣି ସୁଦନ୍ତ ॥ ୩ ॥ ଏବେ ବୋଲ ସ୍ନେହେ ଗାଢ଼େ ଧରି । ନୀବିବନ୍ଧ
ଫେଡ଼ିଲେ ମୁଁ ଚୋରି ॥ ନିଦ୍ରା ଭାଜିଗଲା ରେ ଚତୁରି । ଗୋବର୍ଦ୍ଧନ
ଅଜି ତୋତେ ନ ଦେଖି ବଦତ୍ତି ॥ ୪ ॥

Digitized by srujanika@gmail.com

୨୬—ତାଳ ରୂପକ ।

କୁସୁମ ବାଳର ପାହାନ୍ତ ରେ । କୁସୁମାଙ୍ଗୀ ସଙ୍ଗ ମୋହନ୍ତ ରେ ।
ଘୋଷା ।

କୁଟିଳକେଶୀ ମୋ ଖୀଣଉଦରୀ । କୁମାରୀକାଳରୁ ପ୍ରୀତିକରିଥିରୀ । କେତେ ପ୍ରେମଜଳ ସେଚନ କରି । କୋଳ ଆଳବାଳେ ବଢ଼ୁ ଥିଲ୍ଲା ରେ । ୧ । କେତକୀବରଣୀ ଚନ୍ଦ୍ରବଦନୀ । କୁରଙ୍ଗନୟନା କମ୍ବୁକଣ୍ଠିନୀ । କୁଚଶମ୍ଭୁ ବେନି କଳବଚନୀ । କପାଳେ କହେଦ ବହି ହସନ୍ତ ରେ । ୨ । କୁସୁମବନରେ ଫୁଟନ୍ତେ ମଲ୍ଲୀ । କଳା ଭୃଙ୍ଗ ଉଙ୍ଗୀ ହରନ୍ତି କେଳି । କଳଦେବାଣୀ ରସାଳେ ବସି । କଦଳୀଜଘନା ଦୂର ହେଲ୍ଲ ରେ । ୩ । କମଳବନକୁ ଭୃଙ୍ଗ ନ ଯିବେ । କୁଟଜ କୁସୁମେ ଚୁରଙ୍ଗେ ଜଡ଼େ । କଳାଘନ ଦେଖି କଳାପୀ ରଡ଼େ । କାନ୍ତ ପ୍ରୀତି କେହ୍ନ ଛଡ଼ିଥିଲ୍ଲା ରେ । ୪ । କାଶୀବାସୀ ସେ କି ଦୟା କରିବେ । କଳାବତୀ ସଙ୍ଗେ ଭେଟାଇବେ । କାମଜଞ୍ଜାଳରୁ ପାର କରିବେ । କବି ଗୋବର୍ଦ୍ଧନ ଏ ଭଣିନ୍ତ ରେ । ୫ ।

—○—

୨୭—ରାଗ କେଦାର ତାଳଅଡ଼ଖେମଟା ।

ସତେ ଗୋ ଦୂତି, କହନ ମୋତେ । ଏକାନ୍ତେ ଲଭିଛ ରସିକନୀ କି ॥
॥ ଘୋଷା ॥

ସେ ଜୀବନଜୀବନ୍ତା ଧନ । ତା ବିନୁ କି ଗତି ମୋ ଆନ ।
ଅନ୍ୟାଳୀ ଛାଇଲା କାନ୍ତି ଚପଳା ବାମନଜଳଧିରେ ଭିଗିନ୍ତିଣି କି ॥ ୧ ॥
ଶିରୀଷକୁସୁମ ତା ଅଙ୍ଗ । ବିମ୍ବଫଳ ଅଧର ରଙ୍ଗ ॥
ଅଫୁଟା କମଳ ଶ୍ରୀଫଳ ସ୍ତନେ ବଟାବେଣୀରେର ଦଏ ଧନୀକି ॥ ୨ ॥
ବହିନୀର ପଦ କହୁଣା । ଶୁଣିଅଛ ନା ବରଗଣା ।

Digitized by srujanika@gmail.com

ଗଭସ୍ତ ଅରୂଢ ଵଦନେ ବସ୍ତ ହେଉଥିବ ବାଳୀ ସୁ ରମଣୀଙ୍କ ॥ ୩ ॥
ପୂଜଣ ଶ୍ରୀ ହରଗଉରୀ । ପାଉଅଛୁ ମୁଁ ସୁ ନାଗରୀ ॥
କରମରେ ଦୁଃଖ ଦୁଏ ଅଲେଖ କ କହିବା ଧାତାର ଲେଖନୀକ ॥ ୪
ଶଠ ନୁହେ ଏ ପ୍ରୀତି ଜାଣ । ଯାହା ନାହିଁ ଜଗତେ ପୁଣ ।
ସେହି ପ୍ରୀତି କରଅଛୁଁ ଚତୁରୀ ବୁଝାଇ କହିବୁ ଯା କାମିନୀଙ୍କ ॥ ୫ ॥
ରସେ ଲୁବ୍ଧେ ଗୋବରଧନ । ପ୍ରୀତିଧନ ନନ୍ଦନନ୍ଦନ ।
ଯଶୋଦାର ପାଇଁ ଚିନ୍ତା କରଇ କହି ଅଶ୍ରୁପାତ ସଂଗୃହଣୀକ ॥ ୬ ॥

—*○*—

୨୮—ରାଗ ଝିଂଝୋଟି । ତାଳଯତି ।

ଘୋ:— ଏକାକୀ ବନ୍ଧୁ ବିଦେଶ ଗଲେ, ଏ କଷ୍ଟ କି ଥିଲା ମୋର
କପାଳେ ॥ ଘୋଷା ॥
ଫୁଟିଲେ ନଅଲୀ ମଲ୍ଲୀ ମାଧବୀ । ମାଳା ଗୁନ୍ଥି କାହା ଗଳାରେ ଦେବି ॥ ୧ ॥
ମଳୟପବନ ଚନ୍ଦନୀ ରାତି । କାହା ସେନ ସୁଖେ ହେବ ସୁରତି ॥ ୨ ॥
ଅଗର ଚନ୍ଦନ ସୁବାସ ଜଳ । କାହା ଅଙ୍ଗେ ଲେପି କରିବି କୋଳ ॥ ୩
ସାଚିପାନ ଭାଙ୍ଗି କାହାକୁ ଦେବ । କାହା ଗଣ୍ଡେ ଚୁମ୍ବି ଚିହ୍ନ ଅଙ୍କିବ ॥ ୪ ॥
ମୋର ଠାକୁର କେ ଧର ହସିବା ବେଶ ପାଳିବ ଗୋ ଆସ ଭାଙ୍ଗିବ ॥ ୫ ॥
ଚନ୍ଦ୍ରମଣ୍ଡପରେ ଫୁଲ ବିଛଣା । କର ଡାକିବ କେ ଆସ ପ୍ରବୀଣା ॥ ୬ ॥
ରସେ ଗୋବର୍ଦ୍ଧନ ଚିନ୍ତ ଭଣଇ । କାନ୍ତ ଭେଟାଇବେ ଶ୍ରୀରମାସାଇଁ ॥ ୭ ॥

———

୨୯—ତାଳଅଠତାଳୀ ।

ବ୍ରଜରାଜସନ୍ତତି ସେ, ଅଗୋ ମିତଣି ଏଡ଼େ ହଠିଆ ॥ ଘୋଷା ॥
କାଳନ୍ଦୀକୂଳରେ ସଖାଙ୍କ ମେଳରେ । ଗୋଧନଚରାଉଥିବାର
ବେଳରେ ॥ ଦଳେ ବ୍ରଜାଙ୍ଗନା ଯିବାକୁ ଜଳରେ । ଅଗେ ଅସି ହେଲା

Digitized by srujanika@gmail.com

ଠିଅ ॥ ୧ ॥ ନଟବର ବେଶ ହୋଇ ପୀତବାସ । ନୀପତରୁତଳେ ହରେ
ଗୋ ପ୍ରବେଶ ॥ ଡାକେ ଏ ବାଟରେ ଆସ ଗୋପୀବଂଶ । ନୁଏଁ ତୁମ୍ଭ
ପାଉଁ ଠିଆ ॥ ୨ ॥ ହରେ ଦଧି ବିକା ମଥୁରାହାଟକୁ । ଯାଉଁ ଯାଉଁ
ଡାକେ ଯାଅ କେଉଁ ଠାକୁ ॥ ଯୁବାନାରୀ ହୋଇ କ ଡର କାହାକୁ ।
ନ ଜାଣ କ ମୁଁ ଘାଟିଅ ॥ ୩ ॥ ହରେ ଦେଖାଉଛନ୍ତି ପୁଷ୍ପିତକାନନେ ।
ଫୁଲ ତୋଳୁ ରମ୍ୟ ବୃନ୍ଦାବନେ । କାହ୍ନୁ ମିଳେ ତହିଁ ଶ୍ରୀନନ୍ଦନନ୍ଦନେ ।
ବୋଲେ ଏ ବନେ ମୁଁ ଛିଡ଼ିଆ ॥ ୪ ॥ ଶାଶୁ ନଣନ୍ଦ ମୋ କ ଥିବାର
ହରେ । କଳନ ଦେଖିଣ ପଶଇ ସଦନେ ॥ ସେ ଛବିଛଟକ ସୁରସ-
ବଚନେ । ବଳେ ମଦନ ଲୁଟିଆ ॥ ୫ ॥ ଯହିଁ କ ଥିବ ଏ ଗୋପ-
ସୁତ ହନ୍ତା । ତହିଁ ରହିବା ଗୋ ସକଳ ଗୋପିକା ॥ ଗୋବର୍ଦ୍ଧନ ତା-
କା ଜଗତ ଜୀବିକା ॥ ହନୁ ହନ ସେ ଝଟିଆ ॥ ୬ ॥

୩୮—ରାଗ ଖମ୍ବାଜ ।

ତାଳ ଯତି ।

ଅହେ ପ୍ରାଣେଶ୍ୱର । କପଟିଆ ଠାକୁର । ଥିଲ କାଳ କା ମନ୍ଦିର
ହେ । ଦୋଷା । ଚୂଡ଼ାର ଫୁଲଶର । ତୃଣୀରୁ ପଞ୍ଚଶର । ସାରଅଦ୍ଭୁତ
ଏ ନଶିର ॥ କାହିଁ ପ୍ରୀତିପାସୋର । ମନ୍ଦ ଶିଖିଛ ପର । ହାରତୁଲ କି ହୃତ
ଭ୍ରମର ॥ ୧ ॥ ନୀର ଅଗ୍ନିରେ କ୍ଷୀର । ଦେଖ ନୀରଜବାର । ଜୀବନ
ରହେ କ ରସାର । ଛଟେଁ କୁଟଜେ ମାତ । କୁନ୍ଦକମଳେ ମତ ।
ନୁହେ କ ଅମୀଡ଼ ତାଙ୍କର ॥ ୨ ॥ ଜାଇ ନୀଅଳୀମାନ । ଚନ୍ଦନ ନାଗ-
ବଲ୍ଲୀ । ବୃଥା ହେଲ ଓଗାପକୁମର ॥ ଶୀତ ମଳୟବାତ । ହୋଇଲା ହୁତ-
ବତ ନ ତୁଟଇ ସୁଧା ଅହାର ॥ ୩ ॥ ଯେ ମୂର୍ଖ ପିଏ ରସ । ସେ
ଜୋହେ କାହିଁ ବଶ । ଜାଣ ତୁମ୍ଭେ ସାର ଚତୁର । ନ ଦେଖେ ଯେତ୍ରୁଁ-

Digitized by srujanika@gmail.com

ହଳ । ଝୁରେଁ ହୋଇ ମୁଁ ଜାନ । ସଜନୀମାନଙ୍କୁ ପଗୁର ॥ ୪ ॥ ଗୋବ-ର୍ଦ୍ଧନରଚିତ । ଶୁଣି ରାଧା ଉଦନ୍ତ । ହସି ନଟବରଶେଖର ॥ କୋଳେ ଭିଡ଼ି ଶ୍ରୀମତୀ । ରସେ ମୁଖ ଚୁମ୍ବନ୍ତି । କେଳି କଲେ ଧନୀକଶୋର ॥ ୫ ॥

○+○

୩୧—ରାଗ କଦ୍ଵାର ॥ ଆଡ଼ତାଳ ।

ନନପୁଅ ଏଡ଼େ ହଟିଆ । ତାରଯୋଗୁଁ ଭାଙ୍ଗିଲି ମୁଁ ପାଣିମାଠିଆ ॥
ଘୋଷା ॥

ଶାଶୁ ନ ବୁଝିବେ ଏହା । ନଣନ୍ଦ ମାରିବେ କାହା । କମ୍ପୁଥାଏ ମୋର ହିଆ । କାହିଁ ହେଲେ ଠିଆ ॥ ୧ ॥ ବ୍ରଜପୁଏ ତାଳବନ । ମଧେ ଶଶୀ ବନମାଳୀ । ନାଚୁଥିଲେ କରତାଳ । ଦେଇ ଖେମ ଚିଆ ॥ ୨ ॥ ଏହା ଦେଖି ମୋତେ ବାଟେ । କାଳନ୍ଦୀତଟ ନିକଟେ ! ଦୂରୁଁ ଡାକିଲେ ସେ ଅଟେ । କନକପଟିଆ ॥ ୩ ॥ ନ କହ ପାଣିକି ଯାଅ । କାହାର ଭରସା ପାଅ । କଂସରଜା ଭଗିନେୟ । ପଣ ମୋ ଘଟିଆ ॥ ୪ ॥ ଶୁଣିଣ ତାହାଙ୍କ ବାଣୀ । ତରସ୍ତରେ ଅଣୁ ପାଣି । ଝୁଣ୍ଟି ପଡ଼ିଲି ମିଚଣି । ହସିଲି ନଟିଆ ॥ ୫ ॥ ବୃଷଭାନୁଜେମା କହ । ଥନ ଥନ କେବେ ଛହିଁ । ଗୋବର୍ଦ୍ଧନ ବୋଲେ ରାଇ । ଗଲ ଏକାଟିଆ ॥ ୬ ॥

୩୨—ସଖୀପ୍ରତି ଶ୍ରୀ କିଶୋରୀ ଉକ୍ତି ।

ରାଗ ବେହାଗଡ଼ା । ତାଳ ଯତି ।

କାଲି ସେ ନୀପ ମୂଳିଆ ବାଙ୍କଚୂଳିଆ କ କମ୍ପ ରେ ॥ ଘୋଷା ॥
ଯମୁନାକୁ ଜଳ ପାଇଁ । ଯାଉଥିଲି ଏକା ହୋଇ ॥ ବଣ ବାଟେ ଥିଲେ କାହିଁ । ମୋର ଆଗରେ ହୋଇଲା ରେ ॥ ୧ ॥ ତାଙ୍କୁ ଦେଖି ମୋର ହିଆ । କାତରେ ହୋଇଲା ଯାହା । କହି ନହୁଇବ ତାହା । ଶିର ମୁଖରୁ

Digitized by srujanika@gmail.com

ନାଇଲ୍ଲ ରେ ॥ ୨ ॥ କହୁ ନ ବୋଲୁ ମୁଁ ଠିଅ । କୋଇଲ ବେଶ ଯେ କୁଟିଆ ॥ ବୋଇଲେ ମାଇଁ ମାଠିଆ । ରଖ ଯାଉ କେ ବହୁଲା ରେ ॥୩॥ ବୋଇଲ ମୁଁ କୁଳବତୀ । ପୁଣି ତ ପାଟକ ଜାଇ ॥ ବାଟରେ ଏଡ଼େ ଅନୀତି । ଧର୍ମ କଥାଇଁ ଶ୍ରଜିଲ୍ଲ ରେ ॥ ୪ ॥ ହସି ଲାଡ଼ିଲ୍ଲ ଶ୍ରୈବଣ । ଘରେ ଘରେ ବଚ୍ଚ ଦହ ॥ କେବେ ବଡ଼ିମା ଗୋ ରହିଁ । କାହ୍ନ କାଲିକା ଅବଲା ରେ ॥ ୫ ॥ କେତେ ମତରେ ଭଳିଲ । ଲବଣୀ ଲାଞ୍ଚ ଯାଚିଲ ॥ ଯନ୍ତୁଁ କୁଞ୍ଜବନ ଗଲ । ତନ୍ତୁଁ ମୋତେ ସେ ମୂର୍ଚ୍ଛିଲା ରେ ॥୬ ଦଟେ ନ ଗଲ୍ଲା ତା ଦଣ୍ଡା । ଏକା ଦେଖି ଜଟେ ଡଣ୍ଡା ॥ ଗୋବର୍ଦ୍ଧନର ଜୀବନା । ନନ୍ଦନନ୍ଦନ ଜୋହୂଲ୍ଲ ରେ ॥ ୭ ॥

୩୭—ରାଗ କାମୋଦୀ । ତାଳ ଯତି ।

କେନ ସଦନେ ବସି । କ କରୁଥିବ କେଳିଲାଳସୀ ଗୋ ॥ ପଦ ॥ କୁସୁମବନରୁ ମାଧବୀ ନୟ୍ରାଳୀ । ଯାଇ କୁନ୍ଦ ନରବାର ॥ ସଖୀଟେଣି ଦେନ୍ନ ସଙ୍ଗ ଫୁଲ ଆଣି । ଗଭା ସାଜ ଦରଦ୍ଵାସୀ ॥ ୧ ॥ ଦକ୍ଷିଣ ପବନ ଙ୍କହୁଁ ଘନ ଘନ । ଲେପି ସୁଅଙ୍ଗେ ଚନ୍ଦନ ॥ ସୁଧାଭ୍ରବଦଣା ବର ବରମଣା । ଏ ସେହ୍ନୁଁ ଗ୍ରନମୀ ନଶୀ ॥୨॥ ସୁଦବ୍ୟ ଅଦ୍ଵାର ବାସ ଗଲା- ଦ୍ଵାର । ରୁଚ୍ନ ନ ଥିବ ତାହ୍ଵାକୁ ॥ ଭୃଙ୍ଗ ପିକଧ୍ଵନ ଧନ୍ୟସୁ ଅଶନ ମଣି ସେ ନବ ବୟସୀ ॥ ୩ ॥ ମଦଗଜଗଣ୍ଡ ସୁନାପର କାନ୍ତି । ବୀଣା ପିକକ୍ଷଣା ଭ୍ରାଷୀ ॥ କୋଟି କୋଟି କାଣ୍ଡ ମଦନ ପାଷଣ୍ଡ ମାରୁଥିବ ଦେବେନ୍ଦ୍ର ଭୂଷି ॥୪ ଶ୍ରୀଫଳସ୍ତନାର ମୀନନୟନାର ତୁଳନା ଜଗତେ ନାହିଁ ॥ କୁନ୍ଦ କୁମୁଦକୁ ତା ହାସ ନନ୍ଦଇ ଡମରୁ ମଧ୍ୟା ସୁକେଶୀ ॥ ୫ ॥ ଜାଳଣ ଜାଗର ଧୂର୍ଜଣ ଶଙ୍କର ଲଭଥିଲ ସୁକୁମାରୀ ॥ ଗୋବର୍ଦ୍ଧନ ଜ୍ୱାଡ଼ି ମୋ ବନା ପ୍ରେୟସୀ ଶୋକନଳରେ ଯିବ ଭାସି ॥ ୬ ॥

Digitized by srujanika@gmail.com

୩୪—ରାଗ କାମୋଦୀ ।

ତାଳ ଯତି ।

ମୁଁତ ବୁଦ୍ଧି ହୁଡ଼ିଲି । ପ୍ରାଣନାଥଙ୍କୁ ପାଶୁଁ ଛଡ଼ିଲି ଗୋ ॥ ପଦ ॥ ଏ ମଧୁମାସରେ ଦଶଦିଶରେ ଫୁଟିଲେ ନାନା କୁସୁମ । କାନ୍ତ, ସଙ୍ଗେ ରଙ୍ଗେ ବୁଲନ୍ତି ସୁଅଙ୍ଗେ । କରିବଇଁ ବଟେକ ବେକନ ॥ ୧ ॥ ବୃନ୍ଦାବନ ଭିତରେ ଚନ୍ଦ୍ରମଣ୍ଡପରେ ମୋର ବାସାଥିଲା ଧରି । ହସି କେ ଭୃଷିଲ ଆସ ଚନ୍ଦ୍ରମୁଖି ଗଳେ ଦେବି ଫୁଲମାଳ ।୨। ସୁନ୍ଦର ବଚନ କହି ମୋର ମନ ତୋଷିବ କେ ମାନ କଲେ । ମୁଁ ତୋହର ଦାସ ଯେତେବେଳେ ମୋ ଦୋଷ କେ ବୋଲିବ ନାଗ ଗଳେ । ୩ । ମନମଥଶର ଉନ୍ନ ନାରଖାର କରୁଅଛି ଦନୁ ଦନ । ବନ୍ଧୁଜନା ମୋର ଆଜ ପ୍ରଭାକାର ମିତଣି ନାହିଁ ଦେଖିଲି । ୪ । କେ ସମାରତନ ମୋ କାନ୍ତ ରତନ ପୀରତି ପଣରେ ବାନ୍ଧି । ରଖିଛି ଚତୁରୀ ଜାଣିତ ନ ପାରି କଷ୍ଟ ତ ଗଲାଣି ଦିନ । ୫ ଏ ଜନ୍ମ ବୟସ ବ୍ୟର୍ଥ ହେଉଛି ନେ ଦେବ ମୋ ପ୍ରିୟ ଆଣି । ଲକ୍ଷ୍ମୀ ନୃସିଂହ ଦେବ ଭବାନୀ ପୂଜିବି ଦେବଙ୍କ ଚନ୍ଦନମାଳ । ୬ । ଯତେ ପାରି ବଣି ଭେଟାଇ ମୋ ପତି ଏ କଷ୍ଟ ବେଗେ ନାଶିବେ । ଭକ୍ତେ ଗୋବର୍ଦ୍ଧନ ତୋ ଚରଣ ଧନ ଅନ୍ତ ନ ଛଡ଼ିବି ଭଣିଲଗୋ । ୭ ।

—○❊○—

୩୫—ରାଗ କାମୋଦୀ । ତାଳ ଜତି ।

ଏତ ବାନ୍ଧି ନାଗରୀ । କେତେ ଶୃଙ୍ଗାର ଅଛି ପେର ପେର ଲୋପଦ କସ୍ତୁରୀର ଟୋପି ଶୋଭେ ଭାଲଦେଶେ କାଟିଛି ସିନ୍ଦୂର ଗାରୀ । କଳାଫଣୀ ବେଣୀ ଦୀର୍ଘପୃଷ୍ଠେ ଖେଳେ ବାନ୍ଧିଛି ଚମ୍ପା ଚଉଁରୀ । ୧ । ମାଙ୍ଗ ଭାଙ୍ଗ କେଶ କରି ରମଣୀଶ ଖଞ୍ଜିଛି ଫୁଲ ଝାଲେରୀ । ନରମ୍ଭ କଲାଇ ବାନ୍ଧି ଦୋହଲାଇ ଚାଲୁଅଛି ମତ୍ତକରୀ । ୨ । କଳାମେଘି ଶାଢ଼ୀ

Digitized by srujanika@gmail.com

ରଙ୍ଗ ପୀତଧଡ଼ି ପିନ୍ଧନ୍ତି ତେଲଙ୍ଗୀ ଫେର । କନକର କୁମ୍ଭ କୁଚ ଟେକ ଦମ୍ଭ ଟାଳଦଏ ସୁକୁମାରୀ । ୩ । ମତ୍ତଖଞ୍ଜନ ଅମ୍ଭୋଜ ମୀନ ମୃଗ ନୟନକୁ ସମସରୁ । ଚାହିଁବା ଛଟକେ ଚତୁର୍ବର୍ଗ ତୁଚ୍ଛ କରୁଅଛି ମନୋହାରୀ । ୪ । ତାମ୍ବୂଳର ଟୋପ ଅଧରରେ ମେଳ ଘଗାମୃତ ଅଛି ପୂରି । ବଚନ ରଚନ ଚତୁ ଉଲସାଇ ଦୁତୁକନୀ ସୁଚତୁରୀ । ୫ । କୁନ୍ଦପୁଷ୍ପ କୁନ୍ଦ କଳଦନ୍ତ ମନ୍ଦହାସ କ କାମନ୍ତୁରୀ । ଗୋବର୍ଦ୍ଧନ ବୋଲେ ସ୍ୱାମୀ କ ତା ବୋଲେ କସାଇବ କୃପା କରି । ୬ ।

—:o:—

୩୨—ରାଗ କାମୋଦୀ । ତାଳ ଯତି ।

ଯହୁ ନାଗରବର । କେଉଁ ଦେଶରେ ଏହାଙ୍କ ଘର ଗୋ । ପଦ । ଚନ୍ଦ୍ର ନଳପଦ ଭ୍ରମୁ ଏ ଧରଣୀ କବା ମିଳେ ଏ ପଥର । କେତେକାଳ କସି କହ ଗଢ଼ିଅଛି ଉପମାକୁ ନଟରେ ଚୂର । ୧ । ପଙ୍କଜବଦନ ପଙ୍କଜ ନୟନ ତୋଳା କ କୁଆ ଭ୍ରମର । ଦୁଇ ପାଶକୁ ଏ ଅନାଇ ଦଅନ୍ତେ ମାନୁଅଛି କ ଭଙ୍ଗୀର । ୨ । କରଶୁଣ୍ଡ ଜଣେ ଉତ୍କଳତା ଯାର କଣ୍ଠ ଲମ୍ବେ କଣ୍ଠହାର ଭୂଲତା ଯୁଗଳ କାମଧନୁ ଭୁଲ ନାଶିକ କାଣ୍ଡ-ଫସାର । ୩ । ସୁପୀତ ବସନ ପିନ୍ଧିଛନ୍ତି ଯତନ ଉତ୍ତରୀ କୋଳଇ ଉର । ମସ୍ତକ ଚକୁର ମୋଡ଼ି ଣ ଚତୁର ଖୋଷିଛନ୍ତି ବାମପାଶର । ୪ । ଚନ୍ଦନ କସ୍ତୂରୀ ଗୋରଚନା ତତା ନାସା ନଳ କ ସୁନ୍ଦର । ହୃଦରେ ବକୁଳ ଫାନ୍ଦର ମାଳ ଖେଳୁଅଛି ମନୋହର । ୫ । ରସ ବାଣୀଗୁଟେ ଅବଳା ଅନ୍ତରେ ମଦନ ଦର୍ପ ସଞ୍ଚାର । କହେ ଗୋବର୍ଦ୍ଧନ ରସିଅଛି ମନ ବୃନ୍ଦ ହେଉ ମୋର ବର । ୬ ।

—:*o*:—

Digitized by srujanika@gmail.com

୩୬—ରାଗ କାମୋଦୀ । ଏକ ତାଳି ।

(କନ୍ତୂକ୍ତି)

ସୁନ୍ଦରୀ ବୋଲଇ ମିତଣି ଶୁଣ । ଲମ୍ପଟ ଶଠ ପୁରୁଷଙ୍କ ଗୁଣ ।ଯୋଷା ନାନାମତେ ବରଣ । କହ ତୋଷନ୍ତି ମନ । ପାଶରୁ ଅନ୍ତର ହେବା ଯାଏ ପୁଣ । ୧ । କଳାପୀ ଦେଖି ଘନ, ଯବୁଥାନ୍ତି ନନ୍ଦନ । ସେ କାହିଁ ତାର ଭାବରେ ଲଗ୍ନ ହେବେ । ୨ । ଭ୍ରମର କୁଟଜରେ, କ୍ରୀଡ଼ଇ କୁମୁଦରେ । ସେ ପଙ୍କଜବନେ କରେ ବିହରଣ । ୩ । ଘୀର ନୀରେ ଭରସା, ନୀରର ନୁହେ ଆଶା । ଏମନ୍ତ ସ୍ତ୍ରୀଜନୀଙ୍କରେ କି ଭଜନ । ୪ । ହୃଦୟ ରଖି ଅନେ, ବୋଲୁଥାନ୍ତି ଯତନେ । ମୁଁ ତୋହର ବାଣୀଲିପି କିଣା ଜନ । ୫ । କପଟିୟା ମୋହନ, ତାଙ୍କ ପ୍ରୀତି ଜୀବନ । ନେବ କହଇ ରସରେ ଗୋବର୍ଦ୍ଧନ । ୬ ।

—:୦:—

୩୭—ରାଗ

ତାଳ ଆଡ଼ା ଆଠ ତାଳ ।

ସହଚରୀ ରେ । ଏହୁ କାହା କୁମର ॥ କୋଟି କାମ ଜିଣଇ ରୂପ ଏହାର । ପଦ ।

ଲାବଣ୍ୟନିଧି ମନ୍ଥିଣ ବିଧି । ସାରରେ ତନୁ କରିଲା ସିଦ୍ଧି ॥ ଯେତେ ଲକ୍ଷଣ କହେ କବିନ୍ଦ୍ର ପୁଣ । ସଙ୍କ୍ଷେପରେ ଲଭିଣର ପ୍ରକାର ॥ ୧॥ ଯାହା ପାଦ ପାଣି ନଖାଙ୍କୁ ଜିଣି । ପୁରଙ୍ଗାଧର ବାଲ ତରଣି ॥ ହାସ ମଧୁର ସୁଧାକର । ଜଳଚନ୍ଦ୍ର ନନେ ମୁଖ ସୁନ୍ଦର ॥ ୨ ॥ ଭ୍ରୂଲତା ଯାର ଧନୁ ଆକାର । ନୟନ ବେନି କି ଫୁଲଶର ॥ ନୂଆ ରମଣୀ ହୃଦୟ ହାଣି-ବାକୁ ହୋଇଅଛି କି ଏ ଧନୁର୍ଦ୍ଧର ॥ ୩ ॥ ଗୌର ବସନ ପିନ୍ଧାଯତନ । ଝଟକେ ଉତ୍ତରୀ କି ଶୋଭାବନ । କଣ୍ଠରେ ମାଳ କୁସୁମଜାଲ । ନବ-

Digitized by srujanika@gmail.com

ମଟେକ ବକାବଣ ଦ୍ୱାର । ୪ । ଯେବେ ଚତୁରୀ ଏ ଜନପୁରୀ । ମୋହ ହୋଇବେ ଏ ରୂପ ହେଉ ॥ ରଖର ମାର ବ୍ରତ ଉମାର । ମୂର୍ଚ୍ଛି ଉପାର୍ଜିବ ଏକୁ କଶୋର ॥ ୫ ॥ ମୋ ଅକ୍ଷିପକ୍ଷୀଯ୍ୟା ଦେଦେ ଲକ୍ଷି । ଫେର ନ ଆସେ ଗୋ ପ୍ରିୟସଖି ॥ ଯେ ଉପାସ୍ୟତ ଜର ଭୁରତ କହେ ଗୋବର୍ଦ୍ଧନ କରଣଧୀର ॥ ୬ ॥

୩୯—ଗୀତ

ରାଗ ଅଡ଼ା । ଆଠତାଳ

ନନ୍ଦାଲୟରେ । ଏକୁ ନଟ ନାଗର । ନାଗରୀମାନଙ୍କର ଯେ ଚତ୍ତ-ଚୋର ॥ ପଦ ॥

ଯା କଥା ପଦେ ଶୁଣିଲେ ହାଦେ । ଅନେକ ଜାତ ସକଳ ହୃଦେ ॥ ଜଗତେ ଦେଖ ଏପର ଏକ । ନ ଥିବ ନାଗରୀ ସତ ମୋ ଗିର ॥ ୧ ॥ ଯା ବଂଶୀ ଗାନ ବଣମୋହନ । ଶିଥିଲ କରେ ନୀବୀବନ୍ଧନ ॥ ପତି ସୁତଙ୍କୁ ତେଜି ଏହାଙ୍କୁ । ସୁରତ ଯାଚନ୍ତି ସୁନ୍ଦରୀବାର ॥ ୨ ॥ ନସ୍ପନ ଠାର ଅଣଇ ଗୋପୀ । ଏ କୁଞ୍ଜବନେ ରଙ୍ଗେ ହନର ॥ ନବଢ଼ଉଲ ରସିକ ମାଳ । ଯେ ନାରୀ ଲଭନ୍ତି ତା ଜନ୍ମ ସାର ॥ ୩ ॥ ଯେସନ୍ତୁ ମନରେ ତ୍ରିବେଣୀଘରେ । ବାନ୍ଧିଥିବ ବା ଶିଳନାଗରେ । ବରବରଣୀ ଏ ତଥ୍ୟ ବାଣୀ । ତାହାର ହୋଇବ କଶୋର ବର ॥ ୪ ॥ ବାମଇକ୍ଷଣି ଯିବ ଏକ୍ଷଣି । ବୃଥାଇ କହୁଛ ଗୋ ସୁଲୋଚନ ॥ ଯଦ୍ଦ ମୋ କଥା ହୋଇବ ବୃଥା । ତେଲକ ମନ୍ତ୍ରରେ ଅଣିବ ଝାର ॥ ୫ ॥ ଧଇର୍ଯ୍ୟ ଧର ସେବ ତୋ ଗିର । ଶାଶୁ ଶ୍ୱଶୁର ତର୍କ ହଶୁର ॥ ହେଳ ଉତ୍ତୁର ହେଲା ଅନ୍ତର । କହେ ଗୋବର୍ଦ୍ଧନ ବସ୍ତୁସି ଝିର ॥ ୬ ॥

Digitized by srujanika@gmail.com

୪୦—ରାଗ ବସନ୍ତ ।

ତାଳ ଯତି ।

କହଁ ପୀ ସୁକୀର । କୃଷ୍ଣ କୁଞ୍ଜ ରହନ୍ତୁ । ରହନ୍ତୁ ଯୁଗଳ କଣ୍ଠି ଭୁ ଯୋଡ଼ୁ ରେ
॥ ଘୋଷା ॥

ଶୁକବର ରେ । କହ ବାରେ ତାପ ଦୂରେ ଯାଉ ମୋ ପନ୍ତୁଁ ॥ ମୃଗନା-ବାଷି ବ୍ୟନ୍ତ୍ରନ । ଯେବେ ଦେଖ ମୋହେ ଦକ୍ଷ । ବନମାଳୀ ଭରସା ଦିଅନ୍ତୁ ରେ ॥ ୧ ॥ ମଧୁଗିର ରେ । ଉପକାର ହେଉ ତୋର ଅଣ ଯ୍ମଠୁ ॥ ସହଜେ ଏ ମଧୁମାସ । ସୁମନ କୁଳ ବିକାଶ । କାହାର କୁଞ୍ଜେ ରହିଲେ ସ୍ପନ୍ଦନ୍ତୁଁ ରେ ॥ ୨ ॥ ଶୁକବର ରେ । ବେଗେ ଯାଅ ଦୁଃଖ କହି ଧର ସେ ଲନ୍ତୁ ॥ ଅଛ ରଛ ଗଡ ମଡି ହୋଇଅଛି ରାଧାପ୍ରୀତି । ଏହି ନାଶା ରସିକ ମୋ ପନ୍ତୁ ରେ ॥ ୩ ॥ ମଧୁଗିର ରେ । ମୋର ବ୍ୟଥା ରଚ ଗାଥା କହ ଲମ୍ପଟ୍ଟୁ ॥ ନ ଆସିଲେ ବଂଶୀଧର ଜୀବନ ଶମନପୁର । ଯିବ ନସ୍ତେ ବୋଲନ୍ତୁ ସୁ ଅନ୍ତୁରେ ॥ ୪ ॥ ଶୁକବର ରେ । ବସିଅଛି ଶୀରବହ୍ନି ଅଶା ମୋ ନ ମେଣ୍ଟ । ବିବିଧ ବିକାର ମନ ଧର ନାହିଁ ଆବ ଜ୍ଞାନ ଗୋବର୍ଦ୍ଧନ ଧ୍ୟୟଣୀ ସେ ମେଣ୍ଟୁ ରେ ॥ ୫ ॥

୪୧—ରାଗ ବସନ୍ତ ।

ତାଳ ଝତି ।

କହ ଶାର କେ । ରାଧା ବାଧା ଭାଙ୍ଗୁ । ଭାଙ୍ଗୁ ସୁସ୍ୱରେ ଭୁ ବ ନ ମୋହୁ ରେ । ଘୋଷା ।

ପକ୍ଷିବର ରେ । ବିଶ୍ୱମ୍ଭର ଶୋଭିନୀରେ ବିତାପ ନାଶୁ ॥ କେତକୀ ଚମ୍ପକ ଜାଲ । କାନ୍ତ ହୁଏ ଯହିଁ ମେଳ ॥ ରୂପେ ଶଶଧରସ୍ୟା ପ୍ରକାଶୁ ରେ ॥ ୧ ॥ ପକ୍ଷିବର ରେ । କରଭୋରୁ ଗୁଣଗଣେ ଯେବେ ସୁରସୁ ॥

Digitized by srujanika@gmail.com

ଚଳ ଚଞ୍ଚଳ ଗମନ । ଧାମ ଯାଉ ବୃନ୍ଦାବନ ॥ ମଞ୍ଜୁ ବଞ୍ଜୁଳ କୁଞ୍ଜରେ ବସୁ ॥ ୨ ॥ ପକ୍ଷିବର ରେ । ରସବତୀ କୁନ୍ଦଦନ୍ତୀ ଚନ୍ଦ୍ରକୁ ତୋଷୁ ॥ ଅଜ କି ଆସିବେ ହରୀ । ଆନ କର୍ମେ ଗଲେ ଫେରି ॥ କର୍ଣ୍ଣେ ଶୁଣ ସୁନ୍ଦରୀ ଯେ ଅଛୁ ॥ ୩ ॥ ପକ୍ଷିବର ରେ । ଖଞ୍ଜନାକ୍ଷୀ ମନେ ଦୁଃଖୀ ମୋହ ସକାଶୁ ॥ ହେଉଥିବ ଅନାସ୍ଥତ୍ରେ । ଜାଣେ ବରଗୀର ମତେ ॥ ଶ୍ରମ ଦେଉ ବାରେ ତାର ଅଶ୍ରୁରେ ॥ ୪ ॥ ପକ୍ଷିବର ରେ । ବିମ୍ବାଧରୀ କର ଧରୁ କହ ବିଶ୍ୱାସୁ । କାଲି ଆସିବେ ମୋ ନାଥ । ପୂରାଇବେ ମନୋ-ରଥ । ଗୋବର୍ଦ୍ଧନ ସନ୍ତାପ ଯେ ଧ୍ୱଂସୁ ରେ ॥ ୫ ॥

୪୬—ରାଗ ଦ୍ରାବିଡ଼ କେଦାରଗଉଡ଼ା । ତାଳ ରୂପକ ।

ଗ୍ରନ୍ଥୋକ୍ତି ।

ପ୍ରିୟେ । ସଦୟେ କହ । କାଲି କି ଦୋଷ ତୋହର ରେ ।
ସୁନାଶୀର ଭୂଇ ଲୋଟଇ ଧରଣୀ ତୋ ବିନା ମୁହିଁ କାତର ରେ । ଯୋଷା
ଅମ୍ବୁଜନୟନ ଶଶାଙ୍କବଦନ ଗୃହିଁ ଦୁଃଖ ଯାଉ ମୋର ରେ ।
ପଦ୍ମିନୀବାଳୀଙ୍କ ଦଳମଣି ଦେଖି ସନ୍ତୋଷ ହେବା ବିଗ୍ରହ ରେ । ୧ ।
ଯଦି ହେଲି ଦୋଷୀ ଆରେ ଘନକେଶି ବାହୁପାଶେ ବନ୍ଧ କର ରେ ।
ଅଙ୍କ କାରବାସେ ରଖ ମନ ତୋଷେ କଞ୍ଜକୋଷେ ମଧୁକର ରେ ।୨।
ଦଗଧ କନକବରନ ଝଟକ ନାହିଁ ଉପମା ଅପର ରେ ।
ଯମିକୁଳ ନଷ୍ଟା କେନଭଞ୍ଜୀ ଭ୍ରଷ୍ଟା ମୁଁ ବା ଅଟେ କେଉଁଥର ରେ ।୩।
ଜନସ୍ତୁ ମୋହର ଧର ସୁଧାଗିର ଦାନେ ହୁଅ ତତପର ରେ ।
ଅବନୀଶୋଭନୀ କ ଭୂଟା ଯାମିନୀ ଶୟନେ ପୁଷ୍ପ ବନ୍ଧୁରେ । ୪ ।
ନାନା ପୁଷ୍ପଜାଲ କଲେ ଗୋ ସଫଳ କେଉଁ ନୀତି ଏଥେଁ ତୋର ରେ ।
କହେ ଗୋବର୍ଦ୍ଧନ ମଦନମୋହନ ଧନୀପ୍ରତି ଗ୍ରନ୍ଥକାର ରେ । ୫ ।

—:୦:—

Digitized by srujanika@gmail.com

୪୩—ରାଗ ଶମ୍ଭାଣ । ତାଳଯତି ।
ବଦେଶି ଗୁଜନା ।

ଚମ୍ପାବରଣୀ ବାଳୀ ଜବାଧରୀ ନାଗରୀ । ଗମନଯୂନୀ ବସ କରୁଥିବ
। ଘୋଷା ।

ସୁକୁମାର ତା ତନୁ ମୋର ବଚ୍ଛେଦ ଦନୁ । ମନସୂତ୍ରର ଦାଉ ସହୁଥିବ ସେ ଚନ୍ଦ୍ର । ରୂପ ରୂପାପଗତ ହୋଇଥିବ ନସୃତ । କମଳନେତ୍ରୁଁ ନୀର ଝରୁଥିବ ॥୧॥ ଶଶେସ୍ର ଦେଇଣ ପାଣି ମଥା ପୋଛ ଧରଣୀ । ଯୁଗ ଏକ ରଜନୀ ମଣୁଥିବ ସଜନୀ । ଶୃଙ୍ଗ ଶଯ୍ୟନ ଏଡ଼ି ଭୂମିଶଯ୍ୟାକୁ ଲୋଡ଼ି । ନଦ୍ରା ଭେଟଣ ତାପେ ବସୁଥିବ ॥ ୨ ॥ ଅଙ୍ଗୁସାଳ ଭୂଷଣ ଦୂର କରଣ ପୁଣ । ଉଶୀର ପଦ୍ମନାଳ ହେଉଥିବ କାରଣ । ବନପ୍ରିୟର ବାଣୀ କୁଳଶ ପ୍ରାୟ ମଣି । କରଯୁଗଳେ ଶୃତ ମୁହୁଥିବ ॥ ୩ ॥ ବାଳଣ ବୋଲ ମୋତେ ସପୁଥିବନ କେତେ । ମୂଙ୍ଗ ତୋଳଣ ଗୃନ୍ଥୁଥିବ ମୋ ଯିବାପଥେ । କାକ ରବକୁ ଧାଇ ଚଣ୍ଡୁଳ ମୁଠି ଦେଇ । ବସନ୍ତୁ ପକ୍ଷିଡାକ ବାରୁଥିବ ॥ ୪ ॥ ଦୀର୍ଘ ଶ୍ୱାସ ଛାଡ଼ିଣ ହୃଦେ କର ଡାଡ଼ିଣ । ଗୁରୁଜନଙ୍କ ଭୟେ ଗୃହ କୃତ୍ୟ କରଣ । କାଳ ହରୁଣଥିବ ଜନା କର ଦଇବ । ଗୋବର୍ଦ୍ଧନ ଭଜଲେ ସେ ସରଯିବ । ୫ ।

୪୪—ରାଗ ତାଳଯତି ।

କେତକୀବରଣୀ ଗୋରୀ । କୁମୁଦହାସୀ ରମଣୀ । ଘୋଷା ।

ଛାଡ଼ିଣ ଦାରୁଣ ଚତ୍ରେ । ବଦେଶୀ ହୋଇ ନଣ୍ଟିନ୍ତେ ॥
ସେ ଥିବ କ ଜୀବନ ସର ॥ ୧ ॥
ଚକ୍ରପଟକୁ ମୋହର । କରୁମାଇଁ ଗ୍ରମାବର ॥
ଝରୁଥିବ ନେତ୍ରୁଁ ତା ବାର ॥ ୨ ।

Digitized by srujanika@gmail.com

ହେମ-ଭଙ୍ଗୀ ହମକାଲେ ॥ ରୂପା ହେବନ ବକଳେ ॥
ଶିବ ପୂଜବନ ଉଭୁସ ॥ ୩ ॥
ବେଶ ଭୂଷା ପିନ୍ଧ ଭଲ । ମଣୁଥିବ ସେ ଯେ କାଳ ॥
ବସିଥିବେ ସଙ୍ଗିନୀ ଘେର ॥ ୪ ॥
କାମାର ବାମ ନୋହିବେ । ତାଙ୍କୁ ମୋତେ ଭେଟାଇବେ ॥
ଏହୁ ପୀଡ଼ା ଯିବ କି ସର ॥ ୫ ॥
କେ କଲା ବିଦେଶୀ ପଣ । ତା ଚଉ କେତେ ଦାରୁଣ ॥
ଭଣେ ଗୋବର୍ଦ୍ଧନ ବିଶ୍ବର ॥ ୬ ॥

——(୦)——

୪୫—ରାଗ ମଧୁମତ୍ତ ସାରଙ୍ଗ ବା ଅରବା
ଅଠତାଳ ।

ରସବନ୍ତ, ଜାଣିଲି ମୁଁ, ପାଷାଣୁ କଠିନ ତୋ ଚିତ୍ତ ॥ ଘୋଷା ॥
ପଞ୍ଚବାଣୁ ତୀକ୍ଷ୍ଣ ତୋର ନେତ୍ରପ୍ରାନ୍ତ । ଭୁରୁଧନୁ ତୋଳି ହୃଦ କରୁ କ୍ଷତ ।
ଉନ୍ମାଦ ମୋହନ ତହିଁ କରୁ ଜାତ । ଏବେ ହେଉଛୁ ବିରତ ॥ ୧ ॥
ଚାଟୁବାଣୀ ଶୁଣି ହନୁ ପ୍ରାୟ ମଣି । ପାଟଳ ଶ୍ରବଣ ନ ଡେରୁ ରମଣି ॥
ନୟନୁ ଲୋତକ ତେଜୁ ପୁଣ ପୁଣି । ନଖେ ଚୀରୁ ଭୂ ଧରଣୀରେ ॥ ୨ ॥
ଗଣ୍ଡେ ପାଣି ଦେଇ କିଙ୍କିଣୀରେ ଚାହିଁ । ରସଗର୍ବ୍ବେ ବାଣୀ କହୁ ଯେ
ଚତୋଇ ॥ ଶଠ ପୁରୁଷଙ୍କ ମୁଖକୁ ନ ଚାହିଁ । ଶୁଣାଗଲା ଏ ଭାରତୀ ॥ ୩ ॥
ଦାସଜନ ଦୋଷ କେତେ ନାଗରୀଣ । ନ ଦେଇଣ କ୍ଷମା କରଇ ଜାଗଣ ॥
ମନମଥଶରେ ସେହୁ ହେଲେ ନାଶ ॥ ବଞ୍ଚାଶିବ କି ପୁନୀଛ ॥ ୪ ॥
ତୋର ମନକଥା କହ ଛଡ଼ା ବ୍ୟଥା । ଏ ନବ ବୟସ ହେଉଅଛି ବୃଥା ॥
ଅନୁନୟ ଭାଷା ଏହୁ ନୋହେ ମିଥ୍ୟା । ଗୋବର୍ଦ୍ଧନ କହେ ଚନ୍ତ୍ର ॥ ୫ ॥

—(୦ଃ୦ଃ)—

Digitized by srujanika@gmail.com

୪୬—ରାଗ ସୁହାଗିନୀ ।

ତାଳ.ଟପା ।

ବଦେଶିର ଅନୁଚନ୍ତ୍ରା ।

ଦନୁ ଦନୁ ହେବଲ ଦୁଃଖୀ ଚନ୍ଦ୍ରମୁଖୀ ଅଶାରେ ।
କମ୍ପାଏ ଭୁଲ ତା ଧନୁ ତିଲଫୁଲ ନାସାରେ ॥ ଘୋଷା ॥
ତାହାର ସୁମଞ୍ଜୁ ବାଣୀ । ସୁଖୀ ହେଉଥିଲ ଶୁଣି ॥
ପଦ୍ମଦଲ ନେତ୍ରୀ ବଳା । ଭୃଟିନ୍ତ ସୁଦଶାରେ ॥ ୧ ।
ଯୂଥିକା ମଲ୍ଲୀମାଳତୀ । ବେଶ ପାଇଁ କୁନ୍ଦଦନ୍ତୀ ॥
ଅଳୀଗଣରେ ଅଣାଇ । ଖୋସୁଥିବ ଖୋସାରେ ॥ ୨ ॥
କସ୍ତୁରୀ ସିନ୍ଦୂର ଚିତା । ଭାଲପଟେ ସୁଶୋଭିତା ॥
ନୀଳଘନ ପିନ୍ଧାପାଟ । ଚଞ୍ଚଳାଙ୍ଗ ମିଶାରେ ॥ ୩ ।
ଅଭଙ୍ଗବ ଘନ ଶୃହିଁ । ସୁରସ ଭାରତୀ ଗାଇ ॥
ସୁପାତି ପଲଙ୍କେ ଯୁଗ । ମଣୁଥିବ ନଶା ରେ ॥ ୪ ୪
କୁମୁଦହାସୀ ରମଣୀ । ଏଣୀ କିଣି ତା ଚାହାଣି ॥
କ ଦେଖିଲେ ଗୋବର୍ଦ୍ଧନ । ହେବ ଲୋକ ହସା ରେ ॥ ୫ ॥

୪୭—ରାଗ ସୁହାଗିନୀ ।

ତାଲ ଟପା ।

ଘନକେଶୀ ମଦାଳସୀ । ବସି ଘନକାଲରେ ॥
ଘୋର ଫୁଲଶର ତାପେ, ଧର ଅଳୀ କୋଳରେ ॥ ଘୋଷା ॥
ଜୀମୂତ ଜାଲଜାବତ । ନେଉ କନ୍ତୁଅଛୁ ମିତ ॥
ଜୀବଧନ ବନୁ ନାହିଁ ଅଶା ଅନ ରସାରେ ॥ ୧ ॥
ଧଗ ଧର ଶିଖେ ଶିଖୀ । ରଙ୍ଗେ ନାଚୁଥିବା ଦେଖି ॥
ତାର ବାଣୀ ବନ୍ଧୁ ଶୁଣି ଲଭୁଥିବେ ଶଙ୍କାରେ ॥ ୨ ॥

Digitized by srujanika@gmail.com

କବା ସେ ଦେଶ ଜଳଦ । ହେଉ ନ ଥିବେ ଉଦ୍ଦୃଦ ॥
ତେଣୁ କି ଅଜଯାଏଭ ନ ଆସିଲେ ପତି ରେ ॥ ୩ ॥
ମୋର ବେଦନା ନାଥରେ । କହିବ କେ ଥରେ ଥରେ ॥
ଜାଣି ସେ ନାଗରମଣି ମିଳବେ ମୋ ପାଶରେ ॥ ୪ ॥
ସଙ୍ଗିନୀଗଣ ଦେଖାଅ । ଲେଖ ନେଇ ବେଗେ ଯାଅ ॥
ଭଣେ ଗୋବର୍ଦ୍ଧନ ଏତେ ଦୁଃଖ ବରଦ୍ଧ ରେ ॥ ୫ ॥

୪୮—ରାଗ କେଦାର । ତାଳ ପଦ୍ମପଟେ ।

ପ୍ରୋଷିତ ଭର୍ତ୍ତୃକା ।

ନବବିଳାସିନୀ କେଳିନିକେତନେ ବସି ।
ନବଋତୁରାଜ ଦେଖି ଭାବଇ ମୋ କାନ୍ତ ବିଦେଶୀ ରେ । ୧ ।
ତରୁଙ୍କ ଧରଣ ମୋତେ କହିଲେ ସୁମନ୍ତ ।
ଚନ୍ଦ୍ରମୁଖି ଚତୋଇବୁ ଅହିବ ଫୁଟିଲେ ମାଲତୀ ରେ । ୨ ।
କୋକନଦ ଛବ ଏଣୀ ନୟନାର ଭଙ୍ଗୀ ।
କହ ନୁହଇ ଯା ମୁଖେ ହରଇ ହୋଇ ଅନୁରାଗୀ ରେ । ୩ ।
ବକୁଳ ମଣ୍ଡପେ ଦେଲେ ନାନା ଫୁଲମାଳ ।
ତୁଳ ବସ ରମଣୀ ଗୋ ଖଣ୍ଡିବ କ୍ଲେଶ ଦେନ ବୋଲ ରେ । ୪ ।
ପୀନ ଉରଜରେ ଦେଇ ବୋଳିଥିଲେ ପାଣି ।
ପିକବାଣି ବଦା ହେଲା ରସିକା କର ଭୂ ନେଲ୍ଣୀ ରେ । ୫ ।
ଏତେ ସମତାରେ ମୋତେ ବିଚ୍ଛେଦନୀ କର ।
ଏପରି ହୋଇବ କେ ବା ନାଗରୀ ହେଲା ପରବଶୀ ରେ । ୬ ।
ରସ ହୃଦୟର ଭାବ ଭାବୁଁ ଭାବୁଁ ଦନ ।
ରସ ଦଶ ବୟସୀର ଗଲା ଯେ ଭଣେ ଗୋବର୍ଦ୍ଧନ । ୭ ।

Digitized by srujanika@gmail.com

୪୯—ରାଗ କେଦାର ।

ତାଳ ପହ୍ନପଟ ।

(ବିଦେଶ ଗମନ ସମସ୍ୟୋକ୍ତି)

ବନ୍ଧୁଙ୍କୁ ଅଧର ଶ୍ୟାମା ଧବେ କହଇ । ଦାରୁଣ ବିଚ୍ଛେଦ ଦୁଃଖ ନ ଦିଅ ସାଇଁ । ପଦ ।

କୋମଳାଙ୍ଗୀ ରସବତୀ ଏକା କି ରହି । କେ ନବମାଳିକା ଫୁଲେ ଉତ୍ଫୁଲ୍ଲ ଦେଇ । ୧ । ରୁଚିର ଶ୍ରୀମୁଖ ଦେଖି ଦିନ କଟାଇଁ । ପରଦେଶ କି ଯା ନାଥ ଯେବେ ବଳଇ । ୨ । ଆଲିଙ୍ଗନ କରୁ ବାରେ ଚୁମ୍ବନ ଦେଇ । କଧୁବନ ରସେ ଭୃଙ୍ଗେ ରସିକ ହୋଇ । ୩ । ପତ୍ରାବଳୀ ଲେଖିବ କେ ଚିତ୍ର ରଞ୍ଜାଇ । ଯୂଥିକା ମଲ୍ଲିକମାଳ କଣ୍ଠେ ଲମ୍ବାଇ । ୪। ରମଣୀରତନ ସ୍ମରତାପେ ରୋଦଇ । ଗୋବର୍ଦ୍ଧନ ନ ଯା ବନ୍ଧୁ ସଦନୁ କହି । ୫ ।

—ଃ✱ଃ—

୫୦—ରାଗ କାଫି କଙ୍ଗଲୀ ।

ତାଳ ପହ୍ନପଟ ।

ଦୂତୀୋକ୍ତି ।

ମଦାଳସା, ନ ନାଟ ତୁ ମୋ ଆଶା ରେ । ଟେକ ଲପନ ବିହ୍ୱ ଭ୍ରଷ୍ଟା (ମୋହନ) । ଘୋଷା ।

ଯେବେ ଅରଜ, ଗୁମାନ ଭେଜ । ଛନାଅ ବେଗେ ବାଲା ରେଷା । ୧। ମୃଣାଳ ବାହୁ, ମୋ କଣ୍ଠେ ରହୁ । ଚୁମ୍ବନ ଦେଇ ରସେ ଭସା । ୨ । କୁସୁମ ମାଳ, ଦେଖ ମଞ୍ଜୁଳ । ଲମ୍ବାଅ ଗଳଦେଶେ ଯୋଷା । ୩ । ଲୋଚନ ଲୀଳା, ମନୋଜ ଜ୍ୱାଳା । ଯଉ ସନ୍ତାପ ଅଙ୍କେ ବସା । ୪ । ଦୂତୀବଚନ, ରାଧାମୋହନ । ଖଣ୍ଡିବେ ଗୋବର୍ଦ୍ଧନ ଦଶା । ୫ ।

—ଃOଃ—

Digitized by srujanika@gmail.com

୬୧—ରାଗ କାଫି କଙ୍କଣ ।

ତାଳ ପଦ୍ମପଟ ।

ଖଣ୍ଡସ୍ତୋକ୍ତି ।

ଚମ୍ପା ଗୋର । ଇ ବାଟେ ଗୃହାଁ ଫେର ରେ । କୁମୁଦ୍ୱାସି ଗଜ ସର । (ନାଗର) । ଘୋଷା ।

ଗଢ଼ ମନ୍ଥର, ଖଚନ ଭୋର । ଯୁବକମନ ନାଏ ହର । ୧ । ପ୍ରୀତି ଲମ୍ବାଣି, କାଣ ନ କର । ଉଚିତ ଦଣ୍ଡ ଦଅ ଧର । ୨ । ଉରଜ ବେନ ଗିରୀଶ କାଣି । ପୂଜନେ କର ସେବାକାରୀ । ୩ । ଲାବଣ୍ୟମୟି, ତୁଲନା କାହିଁ । ଅଙ୍ଗେ ଯେ ଗୁଣ ଅଛୁ ପୂରି ॥ ୪ । ଅଗୋ ସୁବ୍ରତ, ଘେନ ଖବତ । କହେ ଶ୍ରୀ ଗୋବର୍ଦ୍ଧନ ଝୁରି ।

—:*:—

୬୨—ରାଗ-

ତାଳ ଖେମଟା ।

ରସଭାବକୁ ଜାଣି । ତାରବଶ ନୁହେ କେ ବା ପୁଣି ଗୋ ॥ଘୋଷା। ରସଉଦ୍ଦୀପକ ପଦାର୍ଥମାନ । ଭଲେ କାଣନ୍ତି ଯେ ସୁ ସାଧୁଜନ ॥ ଅବି-ବେକଚତୁର ନୁହେ ମେକ । ପ୍ରାଣୀ ରସଗୁଣେ ପଶୁ ମଣି ॥ ୧ ॥ ରସାଭାସ ହେଲେ ଚିତ୍ତ ଉଲ୍ଲସେ । ଅଭିଳାଷ ଥାଏ ତହୁଁ ଟଗସେ ॥ ଆନ ଲୋକ ଅସି ସଙ୍ଗତେ ମିଶେ । ରସଭାବ ଅଙ୍ଗୀ ବୋଲି ଗଣି ॥୨॥ ଭାବ ଉଦୟରେ ପୀରତି ଜାତ । ତାର ପରଶାନ୍ତେ ସଜ ପ୍ରାପତ ॥ ସାବଲ୍ୟ ହୋଇଲେ କେଜ କମ୍ବୃତ । ନାଡ଼ଗାଢ଼ ପ୍ରୀତି ସଙ୍ଗେ ଥଣି ॥ ୩ ॥ ରସ ବିବିଧେ ଭାବ ବିବିଧ । ରସିକ ସୁମନେ ହୁଅଇ ବୋଧ । ରସରେ ଏ ଲୋକ କରନ୍ତେ ବଧ । ଧାନୁରସ ଯେହ୍ନେ ଶିଳା ଭଣି । ୪ । କହେ

Digitized by srujanika@gmail.com

ଗୋବର୍ଦ୍ଧନ ପଟ୍ଟନାୟକ । ଶ୍ରୀରାଧା ଭାବେ ଶ୍ରୀକୃଷ୍ଣ ନାୟକ ॥ ଅଉ ସବୁ ଦେଶ ଗାଉ ନାୟକ । ଉଷବର୍ଣ୍ଣରତ କେ ବା ଜାଣି ॥ ୫ ॥

୫୩—ରାଗ

ତାଳ ଯତ୍ ।

ମଧୁର ମୂରତି ଶ୍ୟାମ ନନ୍ଦଲାଲ ଦେଖିଲ । ମୁରଲୀ ବଜାଇ ଚିତ୍ତ ଉଚ୍ଚାଟ କଲ ॥ ଘୋଷା ॥ ଛଡ଼ିଲୁଁ ଗୋ ଲାଜ ନିତ ଅମ୍ଭ କୁଳ ଧରମ ॥ ବାଂଶୋରୀ ନାଦ ଶୁଣନ୍ତେ ଉଛୁଳନ୍ତ ମରମ ॥ ୧ ॥ ଯମୁନାକୁ ନୀର ଅଣି ଯାଉଁ ଯାଉଁ ସଙ୍ଗାତ । ମୁରଲି ଡାକଇ ବେଗେ ଆସ ଆସ ଏ ପଥ ॥ ୨ ॥ ପଦ ନ ଚଳଇ ଦେଖି ନଟବର ରୂପକୁ । ଚେଇନା ବୁଡ଼ାଇ ସଖି ଦେଉଥାଇ ଅମ୍ଭଙ୍କୁ ॥ ୩ ॥ ନୟନ ତାନଣ ଗୃହ ଦେଉଥାଇ ଅପାଙ୍ଗ । ବାରେ ବାରେ ବିନ୍ଧୁଥାଏ ଫୁଲଶର ଅନଙ୍ଗ ॥ ୪ ॥ ନାଚୁଁ ନାଚୁଁ ଯୁବତୀଙ୍କ ଡାକେ କୁଞ୍ଜବନକୁ । ଗୋବର୍ଦ୍ଧନ ଭାଷେ ରସେ ବ୍ରଜବାଳୀ ଚନ୍ଦ୍ରାକୁ ॥ ୫ ॥

୫୪— ରାଗ ବସନ୍ତ ।

ତାଳ ଗଜଲ କି ବା ଟପା ।

ଜବାଧର ଧନୀ କର ଧର ନନ୍ଦେ ଦୁହିତା । ତୋର ସାଥ ସଖି ବ୍ରଜରାଜ ସୁତ କହନ୍ତି ॥ ଘୋଷା ॥ ଏ କୁଞ୍ଜ କୁଟୀରେ ଆଜ ଶୋଯାଇଛୁ ଗୃହ ଶେଯ । ସିଞ୍ଚିଣ କର୍ପୂର ରଜ ତା କା କି ଗନ୍ଧକି ॥ ୧ ॥ ଦେଖ ଏ ଗ୍ରୀଷମକାଳ ପରଭୁତେ କଳ କଳ । ନାନା ଫୁଲେ ଭୃଙ୍ଗ ଗୋଳ ବଢାଉଛୁ ମଣ୍ଡକି ॥ ୨ ॥ ଜଳାଶୟେ ଉତ୍ପଳ । ସଙ୍କେତ ଦେଖି ଚଞ୍ଚଳ । କର ଲାଗୁଁ ଅତି ଢେଳ ବିକଶିଲେ ପ୍ରୀତକି ॥ ୩ ॥

Digitized by srujanika@gmail.com

ସଞ୍ଚିତ ଧନ ତୁଚ୍ଛ ଅଙ୍ଗ ଭଲେ ନାହିଁ ବ୍ୟଭଙ୍ଗ । ନିଶିଯାକ କର ରଙ୍ଗ ତୋଷିବ ଶ୍ରୀପଦ୍ମନ ॥ ୪ ॥ ବାସକସଜ୍ଜିକା ବାଣୀ ଗୋବର୍ଦ୍ଧନ ରସେ ଭଣି । ମିଳଣୀ ଟେକି ରମଣୀ ଚନ୍ଦ୍ରେ ଉମାପଦ୍ମନ ॥ ୫ ॥

—○—

୫୫—ଘର ତୋଡ଼ି ଜଙ୍ଗଲା ।

ଅଠତାଳ ।

ଦୂତୀ କର ଧର ଧୀର କହେ ବାଣୀ । କାହିଁକି ନଇଲେ ସଖି ବେଣୁପାଣି ॥ ଘୋଷା ॥

କମନୀୟ ରୂପ ତାର । କାହିଁ ନାହିଁ ଭୂମପୁର । କମଳନୟନ ଚତୁର ଥିଲୁ ଜାଣି ॥ ୧ ॥ ମଦନମୋହନ ରୂପ । ଦେଉଅଛୁ ମନେ ତାପ ॥ ସୁକୁଳ ହୀନ ହେଲା କି ମନେ ପୁଣି ॥ ୨ ॥ ସିନ୍ଦୂର କର୍ପୂର ରଜ, ସଜାଡ଼ିଣ ଫୁଲ ଶେଯ ॥ ବିଫଳ ହୋଇବ କି ବା ଏ ରଜନୀ ॥ ୩ ॥ ସଞ୍ଚିତ କରିଣ ଅଙ୍ଗ । ବାଞ୍ଛିଥିଲି ଶ୍ୟାମସଙ୍ଗ । ମୃଷା କଥା ତୋର ସତ୍ୟ ମଣି ॥ ୪ ॥ ଶେଷ ହେଉଅଛୁ ରାତ୍ର । କୋହଳ ମୁଁ ସୁଖୀପାତ୍ର ॥ ଗୋବର୍ଦ୍ଧନ ବିପ୍ରଲବ୍ଧା ରୀତି ଭଣି ॥ ୫ ॥

—:*○*:—

୫୬—ଖାଲ ଟପା

ଦୂତୀପ୍ରତି ଦୁଃଖିନିବେଦନ ।

ସହି ଏତେ କରିବୁ । ରସସାଗରଙ୍କୁ ଭେଟାଇବୁ ॥ ଘୋଷା ॥

କୁଞ୍ଜ ମନ୍ଦିରେ ଗୋ ମୁହିଁ । କୁସୁମ ଶେଯ ଯେ ଅଛି ଶୋଇ ॥ ପ୍ରାଣନାଥ ତୋଷ ଦେଇ ॥ ୧ ॥ ବିବିଧ ଭୂଷାମଣ୍ଡିତ । ଆସିବେ ବୋଲି ସେ ରହି ପଣ୍ଡିତ ॥ କାମ ବାମ ମୋତେ ନିତ ॥ ୨ ॥ ମନ୍ଦ ଗନ୍ଧ ସୁଶୀତଳେ । ଦକ୍ଷିଣ ପବନ କୁବେଳ ଟାଳେ ॥ ଦଶାପୁଞ୍ଜେ ତନୁ ମିଳେ ॥ ୩

Digitized by srujanika@gmail.com

ମୂଳରୁ ବିଳପ ଲତା । ଧରିବ ଫଳେ ଗୋ ଦଅଇ ବ୍ୟଥା ॥ ଜୀବନତ ମୋର ବୃଥା ॥ ୪ ॥ ମିତଣିପଣ ଦେଖାଇ । ଅଙ୍କେ ଝମା ବନ୍ଧୁଙ୍କୁ ଭେଟିଗ ବଢ଼ାଇ ॥ ଗୋବର୍ଦ୍ଧନ ବୋଲେ ଏହି ॥ ୫ ॥

୫୭—ରାଗ ସିନ୍ଧୁରା କାଫି ।

ତାଳ ଟପ୍ପା ।

କାଗର ହେ ହର ନ ଅବଗ୍ରିର । ବିଦେଶୀ ହୋଇଲେ ତୁମ୍ଭେ ଦଅ ମୋତେ ଯେ ଗର । ପଦ ।

ମୁହିଁ ତୁମ୍ଭର କଙ୍କାଳ । କ୍ଷଣ ଯୁଗ ତୁମ୍ଭ ବିନା ॥ ବିରହିଣୀ ହିର ସୁନା । ଦେହ ଚୂନା ନ କର ॥ ୧ ॥ ହିମ ଶିଶିର ବସନ୍ତ । ନିଦାଘ ବରଷା ଯେତେ ॥ ବନ୍ଧୁ ବିନା ମୋର ଇନ୍ଦୁ । କାଉବେ ଜର ଜର ॥୨॥ ଦିବାନିଶି ନ ଜାଣଇଁ । ବିବିଧ ହେଳରେ ମୁହିଁ ॥ ପ୍ରେମରସେ ମନ ମୋହି । କେ ହେବ ବା ଜଗର ॥ ୩ ॥ ଫୁଲ ଚନ୍ଦନ କର୍ପୂର । ବେଶ ସାଜନ କେ ମୋର ॥ ସେଜ ସେକୋସେନ ଭୂଷା । ଶୁଣିବ କାହାର ॥୪ ହର ପର କାହେ ମୋତେ । ହେଉ ନ ଯାଅ କଣ୍ଟିନ୍ତେ ॥ ଗୋବର୍ଦ୍ଧନ କହେ କର । ନ ଛଡ଼ ଗମାବର ॥ ୫ ॥

୫୮—ରାଗ ।

ତାଳ ଗଜଲ । କାମ୍ବିକାର ଛଲୋକ୍ତି ।

ଯାଅ ନର୍ମଠ ଶଠିଯ୍ୟା । ମୋର ଆଗେ ନୁକ୍ର ଠିଯ୍ୟା ॥ ସବୁଦିନେ ଲମ୍ପଟିଯ୍ୟା । ବଡ଼ ହଟିଯ୍ୟା ॥ ପଦ ।

ଯାର ସଙ୍ଗେ ଖୁଞ୍ଜେ କେଳ । କେତେଡ଼ ଭାବ ଜାଣେ ବାଳୀ ॥ ହସ ବୋଲ ମୋତେ ଛଳ । ଏତେଡ଼େ ଝଟିଯ୍ୟା ॥ ୧ ॥ ରଦ କଜ୍ଜଳର ଯଥ ।

Digitized by srujanika@gmail.com

ଅମ୍ଳ ବୋଲ ସହିବ ॥ ଅପବାଦରେ ପୂରିବ । ବୃଥା ରଟିଯିବ ॥ ୨ ॥ ଲାଜ ନାହିଁ ତୋର ମୁଣ୍ଡ । ଭାସ ପିନ୍ଧୁ ଭାବ ଦ୍ୱେଷ । ଚୂଡ଼ିଛଣ୍ଡି ରଙ୍ଗୁ-ଯାଉ । ପୀଡ ପଡ଼ିଯିବ ॥ ୩ ॥ ନଧୁବନ ରସ ଶୃଙ୍ଖେ । ଅସିଛୁ ଭାଲୁ ଉପେକ୍ଷି ॥ ଭଣ୍ଡେ ଭାଷୁ ମୋତେ ଦେଖି । ରଙ୍ଗ ନଟିଯିବ ॥ ୪ ॥ ନେଲୁ କୋକନଦରଙ୍ଗ । ନ ଛୁଁଅ ତୁ ମୋର ଅଙ୍ଗ । ପାପ ହେବ ତୋର ସଙ୍ଗ । ଚତ୍ର ଲୋଟିଯିବ ॥ ୫ ॥ ଖଣ୍ଡିତା ନାଗରୀ ବାଣୀ । ଗୋବର୍ଦ୍ଧନ ରଚେ ଭଣି । ମାନେ ଦଶେ ରମାମଣି । ରଙ୍ଗ ପଟିଯିବ ॥ ୬ ॥

୫୯—ରାଗ

ତାଲ ଗଜଲ । ନାୟିକାର ଗୃହୋକ୍ତି ।

କେଉଁ ଦୋଷେ ଜୀବଧନ । କରଅଛୁ ଏତେ ମାନ ॥ ମୁଁ ପରା ତୋ ଜାଣ ଜନ । ଟେକ ଲଟନ ॥ ପଦ ॥

ରମଣୀୟ ଗୁଣ ଦେଖି । ତୋର ସ୍ନେହେ ପ୍ରାଣ ବିକି ॥ ଦେଇଅଛୁ ପ୍ରିୟ ସଖି । ପ୍ରଦୀପ ସାକ୍ଷୀ ॥ ୧ ॥ ଜୀବଯାଏ ପ୍ରୀତି ରହେ । ସକଳ ଜନମ ମୋହେ । ବଞ୍ଚକଜନ ଏହା କହେ । ରସ ହୃଦୟେ ॥ ୨ ॥ କଳ-କଣ୍ଠି କାଳକୂଟ । ଦଅ କୋହ ଛାଡ଼ ଶଠ । ମୋର ହୋଇଅଛୁ ଦାଟ । ଙ୍କ କର ମଠ ॥ ୩ ॥ ସୁରଭି ଶୀତଳ ବକାଶ । ଇଙ୍ଗିତେ ସଙ୍ଗୀତେ ତୋଷ । ରଙ୍ଗ ନାଥ ତାପ ନାଶ । ଅଙ୍କେ ମୋ ବସ ॥ ୪ ॥ ଶୁଣିଣ ଏ ଗୃହୁ ବାଣୀ । ମଥା ଟେକି ଏଣୀୟଣି । ବଦନ ସୁନ ଶାମଣି । ବଚନ ଭଣି ॥ ୫ ॥ ଗୋବର୍ଦ୍ଧନ ଭକ୍ତ ଚିତ୍ରେ । କହେ ରସିକଙ୍କ ହିତେ । ବୋଧ ହେବେ କେଉଁ ମତେ । ମାନନୀ ଯେତେ ॥ ୬ ॥

Digitized by srujanika@gmail.com

୭୦—ରାଗ

ତାଳ ଅଠତାଳ ।

କେଉଁ କୁବୁଦ୍ଧିଜନ ଗୋଠ । କାଲି ଦେଲା ପ୍ରୀତି ତେଣ୍ଟ । ସଜନୀ ରେ । ପଦ ।

ଶ୍ୟାମବନ୍ଧୁ ନାଗରେଶ । କେତେ ରଙ୍ଗେ କଲେ ବଶ । ବିପରୀତ ରତେ ତୋଷ । ମାର ଟାଣ କଲି ନାଶ, ସଜନୀ ରେ ॥ ୧ ॥ କିଙ୍କିଣି ନୂପୁର ମୋର । ରୁଣୁଝୁଣୁ ବାଜିବାର । ଉହୁଁ ଉହୁଁ ଧ୍ୱନିବାର । ତନୁ କଲେ ରସେ ପୂର, ସଜନୀ ରେ ॥ ୨ ॥ କାମ କୋପ କୂଇଖାଇ । କରଚୁମ୍ବିଦାଉ ବେଳେ । ଫିଟି କବରୀ ମୁକୁଳେ । ଫୁଲ ଗଲା ଗୋଟି ଗଲେ, ସଜନୀରେ ॥ ୩ ॥ ଶ୍ରମ ଝାଳ କପାଳରୁ । ଭୂମିକ ପୁଞ୍ଜ ମେଳରୁ । ପତ୍ରାବଳି ଲିଭିବାରୁ । ବେଶ ଗଲା ମୋ ଠୁଳରୁ, ସଜନୀରେ ॥ ୪ ॥ ଲୀଳାସଳ ଚକ୍ଷେ ମୁହିଁ । ଅଧରୁଁ ସୁଧା ଚଖାଇ । କଶୋରଙ୍କୁ ଦେଲି ମୋହି । ଶେଣୁ ଶୁଣିଲେ ରହ ରହ, ସଜନୀରେ ॥ ୫ ॥ କେତେ ଛନ୍ଦ ଗୋ ସଙ୍ଗାତ । ନମିଷ ମଣିଲୁ ସବୁ । ପୂରାଇଲି ଗୋ ବାଞ୍ଛିତ । ଗାଏ ଗୋବର୍ଦ୍ଧନ ଏତ, ସଜନୀରେ ॥ ୬ ॥

୭୧—ରାଗ ସିନ୍ଧୁ କାଫି ।

ତାଳ ଖେମଟା—ଚନ୍ଦ୍ରକାନ୍ତି ।

ଛଇଳ ଛଟକେ ଅନା, ଛଟପଟ ହୋଇ ବନା । ଛାର ଅନଙ୍ଗ ବେଦନା, ଘଡ଼ିକ ନଳାଣି ଖିନ୍ନା ॥ ପଦ ॥

ଛନ୍ଦଣି ବାହୁ ଯୁଗଳ, ଖଇରେ କର ଭୁ କୋଳ । ଖପାପର ହୃଦ-ସ୍ଥଳ, ଛପି ହେବ ତୋତେ ସିନା ॥ ୧ ॥ ଖେଟ ଉଛ କୁଚ ଗୋର, ଛପିବା ଦର୍ପକ ଘର । ଛଣା ପୀୟୂଷ ଭଣ୍ଡାର, ଛଦ୍ମେ ରଖିଛୁ କ କା ॥ ୨ ॥

Digitized by srujanika@gmail.com

ଛପି ଅନାଇବା ଚାହିଁ, ଛୁଇ କଲୁ ବଶ ପାଇଁ । ଛଳକଥା ଶୁଣ ମୁହିଁ,
ଛଡ଼ାଅ ମନୁ ବେଦନା ॥ ୩ ॥ ଛନ୍ନ ଦ୍ୱରଣୀ ନସ୍ତୃନୀ, ଛୁଟ ପାନ ମୁଖୁଁ
ଅଣି । ଛପାଇ ଦଅ ସଜନ, ଛନ ଛଡ଼ ଗୋ ସ୍ୱମନା ॥ ୪ ॥ ଛନ୍ଦ
କନ୍ଦେ ଗୋବର୍ଦ୍ଧନ, ଛୁଞ୍ଚି ଧାର ନେତ୍ରକୋଣ । ଛଗଲ ଯୁବକଗଣ,
ଛଟି କାଟେ ନବାଙ୍ଗନା ॥ ୫ ॥

—:o:—

୭୬—ରାଗ ଆହ୍ୱାରୀ । ତାଳ ଯତି ।

ସଜନ ଗୋ, ଦେଖ ଦେଖ ନବଘନଶ୍ୟାମ ପ୍ରୀତି ଗତକ ॥ ଘୋଷା
ଦନେ ଶୋଇଥିଲି ମୁହିଁ, ନିଜଲେ ମୋ ପାଶେ ଯାଇ । ଉରଜରେ
ହର ଦେଇ ମନୁ, ତେଜ ଭ୍ରୀତକ ॥ ୧ ॥ ମୁଁ ବୋଇଲି କେ ରେ
ଚୋର, ମୋ ମୁଖରେ ଦେଲେ କର । ବୋଇଲେ ଗୋଳ ନ କର,
କରୁଛି ବନିତକ ॥ ୨ ॥ ମୋ କାନ୍ତ ନ ଥିଲେ ଘରେ, ବସି ପଲ୍ୟଙ୍କ
ଉପରେ । ଉଠାଇଲେ ଧୀରେ ଧୀରେ, ଉଠ ରସବନ୍ତ କ ॥ ୩ ॥
କ ମନ୍ଦ ଜାଣଇ ସେହି, ତା ସଙ୍ଗେ ହୋଇଲି ବାଇ । ରଜନୀଯାକ ନିଦ୍ରା
ନାହିଁ, ଦନ୍ତଦନ୍ତ ଗ୍ରନ୍ଥି କ ॥ ୪ ॥ ଚତୁରବର ହସିଣ, ରତଚୋର
ଲମ୍ପଟିଣ । ନାଗରନନ୍ଦନ ଲୋଟିଣ, ଗୋବର୍ଦ୍ଧନ ଗତ କ ॥ ୫ ॥
ଗୋବର୍ଦ୍ଧନ ମତକ । ପାଠାନ୍ତର

—:o:—

୭୭—ରାଗ ଭୈରବି ତାଳ ଖେମଟା ।

ଅହେ ଜନେ, ଜଡ଼ି କଏ ସେ ନେବ ॥ ଘୋଷା ॥
ଜଡ଼ିର ମହିମା ଦେଖିବାତ ଥାଉ ଶ୍ରବଣେ ଶୁଣା ନ ଥିବ ॥ ପଦ ।
ଆକାଶ କୁସୁମ ମୁଠାଏକ ଆଣି ତାର ରସ ଚପୁଡ଼ିବ । ଶଶଶୃଙ୍ଗେ
ଘୋର ଅଞ୍ଜନ କରିଲେ ଜନ୍ମାନ୍ଧ ଚକ୍ଷୁ ପାଇବ ॥ ୧ ॥ ପଥରର ଚେର

Digitized by srujanika@gmail.com

ବେଙ୍ଗର ଲାଙ୍ଗୁଡ଼ ଯତନେ ଏହା ଆଣିବ । ଶନିବାରଦିନ ସକାଳୁ ଖାଇଲେ ବନ୍ଧ୍ୟାର ପୁଅ ହୋଇବ ॥ ୨ ॥ ପିମ୍ପୁଡ଼ି ରକତ ଘୋଡ଼ାର ପିତ୍ତ ଯତ୍ନରୁ ଆଣି ରଖିଥିବ । ଭୌମବାର ସନ୍ଧ୍ୟାବେଳରେ ଖାଇଲେ କ୍ଲୀବ ଯେ ପୁଂସ ହୋଇବ ॥ ୩ ॥ ବନ୍ଧ୍ୟାନାରୀ ଖୀର ପବନର ଶିର ଶୋକ ଲୋଡ଼ି ଣ ଆଣିବ । ରବିବାର ଦିନ ମଧ୍ୟାହ୍ନେ ଖାଇଲେ ବାମନ ବଢ଼ି ଉଠିବ ॥ ୪ ॥ କହେ ଗୋବର୍ଦ୍ଧନ ଏମନ୍ତ ଯେ ଜାଣି ଜଗତେ ଯଶ ପାଇବ । ଯୁବକେ ହୃଦୟେ ଏ ଦୋଷ ନ ଧର ରସେ ବିରସ ନୋହିବ ॥ ୫ ॥

—:o:—

୨୪—ଘରୁ ଛତା କାଟିଲ ।

ଆସ ଆସ ଗୋ ସହି, ଭଲ ଭଲ ଗୋ ସହି । ଛତା କୁଟାଇବଁ କେହି ॥ ଘୋଷା ॥

ଏମନ୍ତ ମନ୍ତ୍ରରେ ଛତା କୁଟିଦେବ ନାଗର ହୋଇବେ ବାଇ । ଛତାକୁଟା ମୂଳ ନାହାଣେ ଲପଣ ତା ନେବ ତତ୍ତ୍ୱ ରସାଇ ॥ ପଦ ॥

କପାଳେ ଲେଖିବ ସୋରିଷର ଫୁଲ ନାସାରେ ଲେଖିବ ଯାଇ । ଗଣ୍ଡରେ ଲେଖିବ ଲବଙ୍ଗର ଲତା ମଲ୍ଲିକାକଡ଼ି ମିଶାଇ ॥ ୧ ॥ ଭୂଲତା ଉପରେ ସେବତୀ ପାଖୁଡ଼ା ଲେଖିବ ମନ ରଞ୍ଜାଇ । ନୟନର କୋଣେ ଯୂଥିଫୁଲ କଢ଼ି ବେନି ପାଶକୁ ମଜାଇ ॥ ୨ ॥ ବାହୁ ଯୁଗଳରେ ଶୁକ ଶାରୀ ବେନି ପଞ୍ଜରରେ ଥିବେ ରହି । ତାର ତଳେ ଥିବ ଚମ୍ପକର କଢ଼ି ଲତା ସହିତେ ଖଞ୍ଜାଇ ॥ ୩ ॥ ଗଳାରେ ଲେଖିବ ରାଧାକୃଷ୍ଣ ନାମ କଣ୍ଠିମାଳ କ ଭୁଲାଇ । ହୃଦରେ ଲେଖିବ ବ୍ରଜ ନବଯୁବା ଯୁଗଳ ମୂରତି ଧ୍ୟାଇ ॥ ୪ ॥ ବେନି ଉରଜରେ ବୃନ୍ଦ ପତ୍ରାବଳୀ ଲେଖିବ ଉଚିତ ଯୋଗାଇ । ନାଭିତଳ ପୃଷ୍ଠେ କମଳ ମୃଣାଳ ବେନି କରଟି ବେଢ଼ାଇ ॥

Digitized by srujanika@gmail.com

ପାଦ ଉପରେ ଶୋ ଉତ୍ପଳ ଲେଖିବ ଟା ନାଡ଼ ଉର୍ଦ୍ଧ୍ୱେ ଶୋଭଇ । ପ୍ରତି ଅଙ୍ଗୁଳିର ଉପରେ ପ୍ରଫୁଲ୍ଲ ଲବଙ୍ଗ ଲେଖି ଜାଣଇଁ ॥ ୭ ॥ ଯେତେ ପରକାରେ ଚରାକୁଟି ଜାଣେ କହନ୍ତେ କେ ପ୍ରତେ ଯାଇ । କହେ ଗୋବର୍ଦ୍ଧନ ପଞ୍ଚଦାୟକ ଯେ କେଳୁଣୀ ଜାବକା ଏହ ॥ ୭ ॥

—୦୦୦—

୭୫ ରାଗ—ସାରଙ୍ଗ ।

ତାଳ ଅଡ଼ା ରୂପକ ।

ଆସ ଆସ ସଜନ ମୋ ଦହ । ଦହ କେ କେ ନେବ ଆସ ଗୋ । ଘୋଷା

କାମଧେନୁ ଦୁଗ୍ଧ ଦୁହଁ, ଅମୃତ ଭାଣ୍ଡେ ପୂରଇ, ତହଁରେ ପୀରତି ଜୁଆ ଦେଇ । ୧ । ମୁଁ ଦହ ଅଣିଛି ବସା, ଖାଇବେ ଅତି ସୁରସା, ପୂର୍ଣ୍ଣ ହେବ ମନଆଶା ତହିଁ ଗୋ । ୨ । ଏ ଦହ ଖାଇଲେ କଷ୍ଟ, ନୁହଇ ଅତ୍ର ମୂରୁଛି, ଅନ ରସମାନ ତୁଚ୍ଛ ତୁଚ୍ଛ ହୋଇ ଗୋ । ୩ । ତ୍ରିଭୁବନ ମୋହନ ବଶ, ମୋ ଦହରେ କରେ ବାସ, ସମାନ ହେବ ପୀୟୂଷ କାହିଁ ଗୋ । ୪ । କହେ ଗୋବର୍ଦ୍ଧନ ଧୀର, ମୋ ଦହ ପ୍ରେମ-ଭଣ୍ଡାର, କେବାକୁ ଶିକା ପାତର ଯେହ ଗୋ । ୫ ।

—————

୭୬ ରାଗ—ଅଡ଼ସାରି ।

ତାଳ ଯତି ।

ଯଉବନ ଧନ ଚୋର ଆଜ କେତେ ଦନ ଥିବ । ରଙ୍କ ନାଥଙ୍କର କଲେ ସେ ନ ଚୋର ନ ସରବ । ଘୋଷା ।

ପ୍ରେମଶିଳା ହୋଇ ଭୁହ । ଅନାଉ କଲୁରେ ସହ । କ୍ରୂର ହେ ହୃଦ କାହିଁ । ପାଷାଣ କଲା ଦଇବ ।୧। ବୁଝାଇଲେ ନ ବୁଝିଲୁ । କାହା କଥାରେ ଭୁଲିଲୁ । ଗୃହମୁହିଁ ନ କଲୁ । ମୋ ମନୁ କ ଏହା ଯିବ ।୨

Digitized by srujanika@gmail.com

ଯାହା କହିଲୁ ମୁଁ ତୋର । ବଚନ ଯେତେକ ଶିର । ଏବେ କାଲୁ
ମୋତେ ଘର । ଅଟେବେଳ ମୋ ଦେହ ନେବ । ୩ । ଗୋବର୍ଦ୍ଧନ ଭଣେ
କହ । ରସିକଙ୍କ ଭାବ ଧାଇ । ନୟଶ ନ କର ଭୂହ । କଲେ ନ
ଯଶ ହୋଇବ । ୪ ।

—※—

ଖଣ୍ଡିତା ।

୨୭ ରାଗ—ଜୟ ଜୟନ୍ତୀ ।

ତାଳ ଯତି ।

ଅଟେ, ପକ୍ୱ ବିମ୍ବିକ ଅଧର । ପର ନ କରୁ ନାଗର । ଘୋଷା

ପକ୍ୱ ଡାଳିମ୍ବ ଦଶନ । ପକ୍ୱ ରସାଳ ବଦନ । ପୂର୍ଣ୍ଣ ରସରେ ବମନ ନ କର । ୧ । ପକ୍ୱ ତାଳଫଳ ସ୍ତନ । ପକ୍ୱ ସୁରମ୍ୟ ଜଘନ । ପୂରଅ ମାନସ ଅଳ ଚତୁର । ୨ । ପକ୍ୱ ଗୁଭୁ ରଜକାଳ । ପକ୍ୱ ବାଣୀରେ କୋକିଳ । ପଣକ ଭାର ନ ବୁଝ କିଶୋର । ୩ । ପକ୍ୱ କର୍କଶ ହୃଦୟ । ପକ୍ୱ ନୋହିଛି କ ସ୍ନେହ । ପରପକ୍ଷୀ ନୋକଦ୍ୱସା ଏପର । ୪ । ପଳ-କୋଳୁ କାମ ଟାଣ । ପକ୍ୱ କୋଳୁ ଉଡ଼ ମାନ । ପଦ କଲା ଗୋବର୍ଦ୍ଧନ ବତ୍ସର । ୫ ।

—·—

୨୮ ରାଗ—ଅଭିସାର ।

ତାଳ ରୂପକ ।

ଛଇଳ ନୂଆ ପୀରତି କେଡ଼େ ମଧୁର । ଛଣା ମଧୁ ପଣାଠାରୁ ସ୍ୱାଦୁ ସୁନ୍ଦର । ଘୋଷା ।

ଦେଖା ଦେଖି ହେଉଥିଲେ । କେଡ଼େ ଆନନ୍ଦ ମିଳେ । ବାଣୀ କର୍ଣ୍ଣେ ଶୁଣୁଥିଲେ । ହୃଦବ୍ୟାକୁଳ । ୧ । ଦିନେ ନ ଦେଖିଲେ ମନ ।

Digitized by srujanika@gmail.com

ହେଉଥାଇ ଛନ ଛନ । ଲୋତକ ଝରେ ନୟନ । କାମେ କାତର ॥ ଦୂତୀ ଯେବେ ପରାମର୍ଷ । କଲେ ମାନସ ହରଷ । କ୍ଷୀଣ ହୁଏ ଘୃଣ ଲେଶ । ଦୁଃଖେ ଅତୁର । ୩ । ଗୋବର୍ଦ୍ଧନ ଭଜ ବୋଲେ । ରସିକେ ଜାଣନ୍ତି ଭଲେ । ରସ ବିରସ ହୋଇଲେ । ମାରଇ ମାର । ୪ ।

—*:O:*—

୬୯ ରାଗ—ଚାଳ ।

ଗୋ ଖଞ୍ଜନାକ୍ଷି । ଏତେକାଳେ କୃତାର୍ଥ ମୋ ହେଲା ଆକ୍ଷି । ଘୋଷା ।

ବନପନ୍ତ ଯାନ କାନ୍ତ ଅଟ । ଘୀଣତ କରୁଛ ମୋତେ ଗୋର । ତାରାପନ୍ତ ମୁକ୍ତି ତୋତେ ଦେଖୁ ଦେଖୁ ସଖୀ ହେଲ ଚର ନାରମାଖି ।୧। କଲାପୀ ଭଙ୍ଗିର ଭଷ୍ୟପାତେ । ବାସ ଉଡ଼ିଗଲା କ ସୁକୁଚେ । ଉରଜ ଶ୍ରୀଫଳ ଆଶା ମୋ ସଫଳ କରନ୍ତ ରମଣୀ ତାହା ଦେଖି ।୨। ସେହ୍ନକାଳେ କର୍ଣ୍ଣୀଶାଢ଼ି ଫେର । ଖସି ଯିବାରୁ ଗୋ ଗମାବର । କଦଳୀ ଜଘନ ଦେଶେ କ ଶୋଭନ ଫୁଲ ଝରଣୀ ବେନ ଲକ୍ଷି । ୩ । ମନ୍ଦହାସ ମନ ମନ ଟାଳ । ବନ୍ଧେ ଚାହିଁଲେ ନେ ଯିବ ବନ । କହେ ଗୋବର୍ଦ୍ଧନ ଯୁବାଙ୍କ ପରାଣ କ ବା ଜାରତ ଲେ ଅଙ୍କୁ ରକ୍ଷି । ୪ ।

୭୦—ରାଗ—ମହ୍ଲାର ।

ତାଳ ରୂପକ ।

ସଙ୍ଗିନି, ମୋ ଜୀବଧନ, ରସପ୍ରବୀଣ । ଏ ଘନାଘନକାଳେ ଗୋ ନ ଆସିଲେ ସଦନ । ଘୋଷା ।

ଏବେ ନବ ବିରହିଣୀ ନ ଜାଣଇ ବେଦନା । ବେଦନା ଦେଉଛି ନୀଳଘନଘୋଷ ଗର୍ଜନା । ୧ । ଡାହୁକ ମଣ୍ଡୁକ ଡାକ ଦିଶେ ଦିଶେ ଉଚ୍ଛନ । ଉଚ୍ଛନ ଆସଇ କବା କାମସିନ୍ଧୁ ଉଚ୍ଛ୍ୱାସ । ୨ । ଫୁଟିଲେ

Digitized by srujanika@gmail.com

ମାଲତୀ ଯାଇ ଯୂଥି କୁନ୍ଦ ସୁମନା । ସୁମନା ନୋହିଲେ ନାଥ ସରଲ ମୁଁ ସୁଜନା । ୩ । ଶକ୍ରଧନୁ ମାଇଧନୁ ପରି ପ୍ରକଟ ହେଉଛି । ହେଉଛି ବିଜୁଳୀ ଗନ୍ଧ ଫୁଲ ଶର ଦହୁଛି । ୪ । ଝର ଝର ମେଘ ବୃଷ୍ଟି କର ଅଛି ମାନନା । ମାନ କାଳି ଦେଉ ଫୁଲ ପୂଜ ଯାଇଁ କାନନା । ୫ । କହଇ ଗୋବରଧନ ନବୀନାର ଲକ୍ଷଣ । ଭାବ ନ ଜାଣନ୍ତି କାନ୍ତ ଅଟନ୍ତି ବଡ଼ ଦାରୁଣ । ୬ ।

୨୧—ରାଗ ମହ୍ଲାର ।

ତାଳ ରୂପକ ।

ସଙ୍ଗୀତ । କାଳଜୀମୂତ । କାଳେ ଉଗତ ॥ କାଳ ବ୍ୟାଳପରି ମୋତେ ପ୍ରକଟ ହେଉଛି ଏତ ॥ ଘୋଷା ॥

କଳା ଭୃଙ୍ଗଦଳ କଳା କାନ୍ତରୁ ଏ ଶୋଭିତ ॥ କଳା ସାନୁମାନ-ମାନ ଶିଖା ଦେଖି ଗିଳିତ ॥ ୧ ॥ ବକପନ୍ତି ଦନ୍ତପନ୍ତି ଅନ୍ତରେ ଶୃଳିତ ॥ ବିଜୁଳୀ ରସନା ଶୃଙ୍ଗ ଘନ ଘନ ଗର୍ଜିତ ॥ ୨ ॥ ଝର ଝର ବରଷଣ ବିଷକଣା ଯେମନ୍ତ ॥ ଘଡ଼ଘଡ଼ି ଦ୍ୱରଘଡ଼ି ଫୁଫୁକାର ତେମନ୍ତ ॥ ୩ ॥ ଅବଳା ଟେକ ବରଡ଼ବ ବିରହିଣୀ ଜଗତ ॥ ସଦ୍ୱାସ୍ୟ ପାଇଲା ଏବେ ରତ-ନାଗୀ ଦଷ୍ଟିତ ॥ ୪ ॥ ଯାଅ ଗୋ ଲଳିତେ ମଧୁପୁରକୁ ତୁ ତ୍ୱରିତ ॥ ନିବେଦନା ଜଣାଇ କହି ଆଣ ମୋର ପୂରବ ॥ ୫ ॥ ବାରଦକାଳେ ଶ୍ରୀମତୀ ଚନ୍ଦ୍ରାଭୁଲ ନରତ ॥ ଗୋବର୍ଦ୍ଧନ କହେ କହ ଆସିବେ ସେ କେମନ୍ତ ॥ ୬ ॥

Digitized by srujanika@gmail.com

୭୬—ରାଗ ଶମାନ ।

ତାଲ ଯତ୍ତ ।

(ମାନ)

ନବଘନକେଶୀ ଶ୍ରୀକୃଷ୍ଣରେ ବସି କରନ୍ତ ନ ଭ୍ରିପି ମଥା ପୋଛ ବସି ॥ ଘୋଷା ॥

କର ସୁକମଳ ଗଣ୍ଡ ଦେଶେ ମେଲ ॥ ନୟନ ସଜଳ କଳା ମୁଖ ଶଶୀ ॥ ୧ ॥ ଜାନୁପରେ ଓଷ୍ଠ ଦେଇକର ପୃଷ୍ଠ । ଅଙ୍ଗୁଳ କନଷ୍ଠ କଣେ ମଣ୍ଡି ଚଷି । ୨ ॥ ଦୀର୍ଘ ଶ୍ୱାସ ମୁଞ୍ଚ ବସେ ଗୁଞ୍ଜ ଗୁଞ୍ଜ ॥ ଧ୍ୟାନେ ହୋଇ ସଞ୍ଜ ଚଉଡ଼ା ବରଷି ॥ ୩ ॥ ମାନନୀଙ୍କ ଗୃହେଁ ଗୋବର୍ଦ୍ଧନ କହ ॥ ସକଲ ମୁଁ ସହ ଠଗ୍ରଠର ବସି । ୪ ॥

—॰୦॰୦॰—

୭୩—ରାଗମହ୍ଲାର । ତାଲଯତ୍ତ ।

ସଙ୍ଗିନି । ଏ ବୃନ୍ଦାବନ କୁଞ୍ଜ ଭବନ । ସଖ ସଖଲତାତରୁ କୁସୁମରେ ଶୋଭନ ॥ ଘୋଷା ॥

ଜାଇ ଯୂଈ ଲତାଦୁଇ ପ୍ରତିକୁଞ୍ଜ ଦ୍ୱାରେଣ । ନବୀନା ଯୁଗଲ ଏବେ ପୁଷ୍ପ ବାସେ ମଣ୍ଡନ ॥ ୧ ॥ ଏ କାଅନ ନବବାଲୀ କନକାନ ଭୂଷଣ । କୁନକନ ନଖଯତ ଭଙ୍ଗ୍ୟ ଚୂଡ଼ଭ ବେଷ୍ଟନ ॥ ୨ ॥ ରଙ୍ଗଣୀର ବଧୂ-ଲୀର ରଙ୍ଗାଧର ପ୍ରସୂନ । ଦେଖି ମ୍ଳାନସେ ମାଲତୀ କରେ ପୁଲେ ବରଣ ॥ ୩ ॥ ପରଭୃତ ମଧୁବ୍ରତ ଶୁକ ଶାରୀ ଗାୟନ । ଠାବେ ଠାବେ କେକୀକୁଳ କରୁଛନ୍ତି ନର୍ତ୍ତନ ॥ ୪ ॥ କୁଞ୍ଜରାଜି ରଙ୍ଗେ ସାଜି ଏତ ଦେବନିର୍ମାଣ । କହେ ଗୋବର୍ଦ୍ଧନ ରାଧା କୃଷ୍ଣ କେଳି ସଦନ ॥ ୫ ॥

—————

Digitized by srujanika@gmail.com

୨୪—ଝୁଲଣ ରାଗ ସୁହାଗିନୀ । ତାଳ ଯତି ।

ଆସ ଯିବା ସଙ୍ଗିନୀ ରେ ଅଜ ବୃନ୍ଦାବପିନ । ଶ୍ରୀମତୀ ସଙ୍ଗରେ ଯହିଁ ଝୁଲୁଛନ୍ତି ମୋହନ । ପଦ ॥

ସିଦ୍ଧ ବିଦ୍ୟାଧର କାନ୍ତି ଝୁଲୁଛନ୍ତି ବିମାନ । ଅପସରୀମାଣେ ନୃତ୍ୟ କରୁଛନ୍ତି ମିଳଣ ॥ ୧ ॥ ମାଳତୀ ଯୂଥିକା ନାନା ସୁମନାଳ ତୋଳଣ ଗୁନ୍ଥି ବନମାଳା ତାଙ୍କ ଗଳେ ଦେବା ବନ୍ଦନ ॥ ୨ ॥ ଧୂପ ଦୀପ ଚନ୍ଦନ ଦଅନ୍ତି ବୃନ୍ଦା ଦେବନଣ । ଅଲଟ ଚାମର ସେବା ଶ୍ରୀଲ ନେବା ବାନ୍ଧିଣ ॥ ୩ ॥ ଘନମାଳ ବିଦୁତ୍‌ଜାଲ ଝଟକରେ ଶୋଭିଣ । ଘନ ପୁଷ୍ପ ଅର୍ଘ୍ୟଦାନେ ସ୍ତୁତିବାଣୀ ଗର୍ଜନ ॥ ୪ ॥ ଦେଖି ଶ୍ରୀ ନଟବର ଶ୍ରୀ ଯଶୋଦାଙ୍କ ନନ୍ଦନ । ବେଗେ ଅସିବା ଗୋ ଯାଇ ଗୋବର୍ଦ୍ଧନ ବନନ ॥ ୫ ॥

—:o:—

୨୫—ବଙ୍ଗଭାଷା ।

ରାଗିଣୀ ସୁହାଗିନୀ । ତାଳଯତି ।

ଅଗୋ ସଜନି ବେଶ ସାଜାଇବ ଯତନେ । ଯେଖାନେ ଯେ ଶୋଭା ପାଏ ସେଇ ସେଇ ରତନେ ॥ ପଦ ॥

ବେଣ୍ଢେଦିବ କେଶ ପାଶ ପୂର୍ଣ୍ଣଚନ୍ଦ୍ର ବଦନେ । ଅଞ୍ଜନ ରଞ୍ଜିୟାଦିବ ସୁଚଞ୍ଚଲ ନୟନେ ॥ ୧ ॥ ଚନ୍ଦନ କୁସୁମମାଲା ଗଲେଦିବ ସୁମନେ । ଶୋଭା ଦେଖ ରତ୍ନପତ୍ର ପଡିବେ ଶ୍ରୀଚରଣେ ॥ ୨ ॥ ତୁମି ନବ-ବିନୋଦିନୀ ଗନ୍ଧ ସୁଶ୍ରୀ ବରନେ । ତୁମାକନେ୍ୟ ତୁମାନାଥ ଅଛେ ବୃନ୍ଦା-କାନନେ ॥ ୩ ॥ ଏମନ କରିୟାଁ ଧୂତୀ ସାଜାଇଲ ବଦନେ । ସଙ୍ଗେ-ଲଯ୍ୟେ ଚଲେ ଯିବେ ଗୋବର୍ଦ୍ଧନ ବଚନେ ॥ ୪ ॥

—*—

Digitized by srujanika@gmail.com

୨୬—ରାଗ ସାରଙ୍ଗ । ଯତିତାଳ ।

ଆସ ଆସ ଦେଖ ସଙ୍ଗାତ । ଆସୁଛନ୍ତି ବନୁ ଅଚ୍ୟୁତ । ଘୋଷା ॥ । ଗୋପସୁତ ପନ୍ତି, ଗୋଧନ ସଙ୍ଗତି, ପାଶେ ଛନ୍ତି ଭାଇ ଅନନ୍ତ ॥ ପଦ । ଶିଙ୍ଗା ବେଣୁ କଳନାଦ । ଦୂରୁଁ ହୁଅଇ ବିଚ୍ଛେଦ ଖେଦ । କଳା ଧଳା—ମୁଖ, ଗୁହି ଯାଉ ଦୁଃଖ, ଗୋରଜରେ ଅଛି ପୂରିତ । ୧ ॥ ଜାମୁଡ଼ାଳୀ କେକିପୁଚ୍ଛ । ଖୋସା ପଗାନ୍ତରେ ଗୁଚ୍ଛ । କର ଶିରେ ଚୂଡ଼ା, ଗୁଞ୍ଜ ପୁଞ୍ଜ ବେଢ଼ା, ତାରି ମଣ୍ଡଳୀନ୍ତ ଶୋଭିତ । ୨ । ନଟବର ବେନି ଭାଇ । ଖେମଟେ ଗୀତ ସେ ଗାଇ । ନାଚ ତକ ତିକ, ମାରୁ କରତାଳ, ଗୋପଦାଣ୍ଡ ଉଚ୍ଛୁଳଇତ । ୩ ॥ ଆମ୍ଭମାନଙ୍କର ପ୍ରାଣ । ଯଶୋଦା ରୋହିଣୀ ନାନ । ନ ଆସିବା ଯାଏ, ଦଣ୍ଡ ଯୁଗ ପ୍ରାଏ, ହେଉଥିଲା ନାହିଁ ଏମନ୍ତ ॥ ୪ । ସୀରପାଣି ବେଣୁପାଣି । କାନନ ଗମନ ଜାଣି । ପାମର ଅଜ୍ଞାନ୍, ବଳିଷ୍ଠ କୃଶାନୁ, ହୃଦୟ କଲେ ବେପିତ ॥ ୫ ॥ ଭକତ ବଚନ ଶୁଣି । ବେଗରେ ଭାନୁ ଦୁଲଣୀ । ଗୋବର୍ଦ୍ଧନ ଭାଷି, ଗବାକ୍ଷରେ ଆସି, ଦେଖୁଁ ଆନନ୍ଦେ କେ ବର୍ଣ୍ଣିତ ॥ ୬ ॥

୨୭—ରାଗଝୁଲା ।

ନଟବର ଗଉର ଚନ୍ଦ୍ର ଷଡ଼ଭୁଜଧାରୀ ସେ କେଡ଼େ ଡୋଗ୍ ଗୋ । ଦଣ୍ଡକ ମଣ୍ଡଳ କୋଦଣ୍ଡ କାଣ୍ଡ-ମୋହନ ମୁରଲୀ ଚଉଦିଗର ଗୋ ॥ ॥ ଘୋଷା ॥

କଟି ତଟେ ଶୋହେ ପୀତବାସନ ତ୍ରିଭଙ୍ଗ ଭଙ୍ଗିମା କେଡ଼େ ଯତନ । କଣ୍ଠେ ବନମାଳା ହୃଦେ ଢଳେ ଖେଳା ଶିଖିପୁଚ୍ଛ ଚୂଡ଼ା ମନୋହର ଗୋ ॥୧॥ ଗଉର ଶ୍ୟାମଳ ବରନ ଘନ ନଖାଂକ ସ୍ଥାସ୍ଥିମା ଚପଳା ଦେନ । ଶିଖଣ୍ଡି ଶିଖଣ୍ଡ ବେଢ଼ା ଶକ୍ରଧନୁ ବକାଳି ବଣଦ ଫୁଲ ଦେଖ ଗୋ ॥

Digitized by srujanika@gmail.com

। ୨ ॥ କଟାକ୍ଷ ଲୀଳାରେ ପ୍ରେମେ ମତ୍ତାଇ ଅମିୟ ସରସ ଯାଏ ଢ
ଳହ । ବିଶ୍ୱ ଅଗୋଚର ସୁଲଭ କାହାର ଏରୂପ ବ୍ରହ୍ମାଣ୍ଡେ ଦେବ ପ୍ରସ୍
ଗୋ । ୩ । ଗଜେନ୍ଦ୍ର ଗୋପାଳ ନ୍ୟାସୀ ମୂରତି ଏକ ବିଗ୍ରହରେ
ପ୍ରକାଶ ଛିଡ଼ । ରାମ ଦାମୋଦର ନନ୍ଦାସ୍ତ୍ରୀ କିଶୋର ଚନ୍ଦ୍ର କହେ ଗୋବ-
ର୍ଦ୍ଧନ ଧର ଗୋ । ୪ ॥

୭୮—ପ୍ରଭାତ ।

ଗିରିଧର, ଉଠ ବାବୁ, ଉଦେ ହେଲେ ଦିନକର ରେ । ଘୋଷା ।
ସଙ୍ଗେ ହଲଧର ଯେଜଣ ସହର । ଉତଲ ଝଙ୍କାରେ ଅଛୁ ବାସ୍-
ନୀର । ମୁଖ ପଖାଳଣ ଭୁଞ୍ଜ ଦଧି ସର । ବନକୁ ବଜେଯେ କର ତର ।୧।
ଭବାନୀ ଶଙ୍କର ନାରଦ ତୁମ୍ବୁରୁ । ବହିର୍ଦ୍ୱାରେ ଉପଗତ ଯେ ଅମର ।
ନାମ ଗାନ କରୁଛନ୍ତି ସେ ଭ୍ରମର । ଦରଶନେ ଉତପର ରେ । ୨ ।
ଗୋପସୁତ କୁଳ ଗୋବତ୍ସା ସକଳ । ଯେନ ଡାକୁଛନ୍ତି ଅସ ନନ୍ଦବାଳ ।
ବେଗ ହୋଇ ଯିବା ଯମୁନାର କୂଳ । ହେଉଛୁ ବେଳ ଉଚ୍ଚୁରରେ ।୩
ଜନନୀର ବାଣୀ ଶୁଣି ବେଣୁପାଣି । ଉଠିଣ ସଙ୍ଗରେ ଯେନ ହଳପାଣି ।
ମୁଖ ପଖାଳଣ ଭୁଞ୍ଜି ଶିଖିରଣୀ । ବନକୁ ହେଲେ ବାହାରରେ । ୪ ।
ଶିଙ୍ଗା ବେଣୁବାଣ ହଳୀ ଯେ କହାଇ । ଧିରେ ଧିରେ ଚଳଗଲେ
ଦେନାଇ । ଶ୍ରୀଦାମ ସୁବଳ ପାଶେ ଛନ୍ତି ରହି । ଗୋବର୍ଦ୍ଧନ
ଗଢ଼ କରରେ । ୫ ।

୭୯—ଯଥାରାଗ ଯଥାତାଳ ।

ଯ୍ରଡ଼ବାଟ ନନ୍ଦ ଗୃହ ମୁହିଁ ଯିବ ପାଣିକ । ଶାଶୁ ନଣନ୍ଦ ଅକଟ ଗୃହୁ-
ଥିବେ ଏଣିକି । ପଦ । ପିଲାଟି କାଳରୁ ଭୁଲ । କାହ୍ନୁ ଶିଖିଲୁ କହାଇ ।

Digitized by srujanika@gmail.com

ନଘଟ ବାଟେ ଉଗାଳୁ ଭୁଲ ଲୁଅଶୁଣିକ ॥ ୧ ॥ କଣଦୋଇ ଘୁଅ ଭୁହ ମଉଳାଣୀ ଅଟେ ମୁହିଁ ॥ ପାଟଙ୍କ ଜାଉ ରେ ବଟା କାଣୁ ନାହିଁ । ପୁଣିକ । ୨ ॥ ବାଳଟି କାଳରୁ ହଟ । କାହ୍ନୁ ଶିଖିଲୁ ରେ ନଟ ॥ ଶୁଣି ଦଣ୍ଡ ହେବ ଘନ । ପଣ ଯିବ କେଣିକ ॥ ୩ ॥ ବରଜ ମଣ୍ଡଳେ ଯେତେ । ଯୁବତି ଜାହାନ୍ତି ହେତେ । ମୋର ପାଣିପାଟ ଯଗି ମାଗୁଥାଉ ପଣିକ ॥ ୪ ॥ ଗୋବର୍ଦ୍ଧନର ଏଗିର । ଲମ୍ପଟିଆ ବେଣୁଧର ॥ ଲଜ୍ଜା ଦେଉଁ ମଥାମଣି କ ଘଡ଼ିଲେ ପାଣିକ ॥ ୫ ॥

୮୦—ଯଥା ରାଗ ଯଥା ତାଳ ।

ଜାଣିଲୁ ଜାଣିଲୁ ଶ୍ୟାମ ପୀରତି କଦମରେ । ଯେ କଲେ ପର ପିରତି ପୋଡ଼ୁ ତା ଜୀବନରେ ॥ ଘୋଷା ॥

ମନମଥ ମୁଁ ଯୁବତି କେର ଏମନ୍ତ ପୀରତି । ଭୁଲୁଁଗଲୁ ଦାଣ୍ଡାଗତ ଗୁରୁଜନଙ୍କ ଭୀତରେ ॥ ୧ ॥ ବିମ୍ବାଧର ମନୋହର ବଚନେ ନ ରୂଚଇ ପର ॥ ଲାଗୁ ଅଛୁ ମୋ ଶରୀର ତାହା ପ୍ରେମନଶ ରତିରେ ॥ ୨ ॥ ଦଣ୍ଡେ ଦଣ୍ଡେ ଦଶୁ ଥାଇଁ ଭାବକୁ ଅନ୍ୟକେ କାହିଁ । କୋଟି କାମରୂପ ବହି ଅଛଇ ସେ ଜଗତରେ ॥ ୩ ॥ କ କରବ କାହିଁ ଯିବି କ ଉପାଏ ତା ତେଜିବ ଜୀବ ଥାଉଁ କ ଏକଥା କୁଅଇ କାର ଛିଡରେ ॥ ୪ ॥ ବୃଷଭାନୁଯେମା ଗିର ଧିକ ନାରୀ ଜନ୍ମ ଯାର । ପର ବଶେ ବନ୍ଧୁବାସ୍ୟ ଗୋବର୍ଦ୍ଧନ ଧାରଣୀରେ ॥ ୫ ॥

୮୧—ତାଳ ଝୁଲା ।

ରାଗ ପରଜ ।

ନଭ ଦେଖୁ ଥିଲେ ପ୍ରୀତି ବଢ଼ୁ ଥାଏ ଏଥିକି ମଦନ ସାକ୍ଷୀ । କହ କହ ହୃଦ କାହିଁଛନ୍ତି ବନ୍ଧୁ ମୋହନ ବଦଙ୍ଗ ଶାଖୀ ଗୋ ॥ ପଦ ॥

Digitized by srujanika@gmail.com

କଦମ୍ବ ମୂଳସ୍ଥା ସେ ବାଙ୍କ ଚୂଳସ୍ଥା ଜାଣଇ ସେ କେତେ ଗୀତ ॥ ଦୂର
ଦେଖିଲେତ ଲାଗ ଲାଗ ହୋଇ ଠାର ଦେଉଥାଏ ଆଖି ॥ ଗୋ ॥ ୧
କାଁଇଚ ମାଳସ୍ଥା ବଉଳ ମେଳସ୍ଥା ବଉଳ ଗଜ ହଂସଭ । ସିଙ୍ଗାବେଣୁ
ବାଇ ଧୀରେ ଧୀରେ ଯାଇ ॥ ବ୍ରଜନ୍ତୁ ଗଟିଗା ଶାଖୀ ॥ ୨ ॥ ପଙ୍କଜ
ମାଳସ୍ଥା ଚକ୍ରଣ ଲାଳସ୍ଥା ମଧୁ ମଙ୍ଗଳ ସଚେତ ॥ ବାଟେ ଘାଟେ ବସି
କରବା ତା ଭଙ୍ଗୀ କହିବ ତା କେତେ ସଖି ॥ ଗୋ ॥ ୩ ॥ କେତେ
କାଳ ବହି ବହିଲା ସଜାଡ଼ି । ଛଣା ପୀୟୂଷ ଚୂରତ । କହେ ଗୋବର୍ଦ୍ଧନ
ବଉଳ ରମଣୀ ଘଡ଼ିଲ ଦଏ ତା ଗୃଖି ॥ ଗୋ ॥ ୪ ॥

—o※o—

୮୧—ରାଗ ଅଭିସାର ମିଳନ ।

ସଖି ହୋ କେବ ସଖାନ । ଭେଟାଇଲ ବନମାଳୀ ॥ ପାଇଲେ ରଖ
ସମ୍ମାନ । ମଦନ ଦେଉଛୁ ଜାନ ॥ ପଦ ॥

ଦେଖ ଏ ସୁରଭି କାଳ । ସମୀର ମନ୍ଦେ ଶୀତଳ ॥ ଫୁଟିଲେ ସୁମନା
କୂଳ । ସୁନ୍ଦର ଶଶିମଣ୍ଡଳ ॥ ୧ ॥ ବଞ୍ଜୁଳ କୁଞ୍ଜ ବସନ୍ତ । ପରଭୃତ
ନଳରୁତ ॥ କୁସୁମେ କୁସୁମେ ମାତ । ଆନନ୍ଦ ଭ୍ରସଲ ଚନ୍ତ୍ର ॥ ୨ ॥
ଏ କୁଞ୍ଜ ବନ୍ଧାର ଗଲ । ଦିଅ ହୋ ପଙ୍କଜ ମାଳ ॥ ଅଙ୍କେ ଅଙ୍କ
କର ମେଲ । ଦୂର କର ଖେଦ ଜାଳ ॥ ୩ ॥ ସଙ୍ଗିନୀ ବଚନ ଶୁଣି
ସମ୍ଭ୍ରମେ ରମଣୀ ମଣି ॥ ଦ୍ୱାରେ ଦେଖି ବେଣୁ ପାଣି । ଆସନୁ ଉଠି
ସେ କ୍ଷଣି ॥ ୪ ॥ ଦର ଦରଶାଇ ମୁଖ । ବଲୋକନେ ଅତିସୁଖ ॥
ଗୋବର୍ଦ୍ଧନର ଅଲେଖ । ଦୂତୀ ହେଲା ଅପ୍ରତ୍ୟେକ ॥ ୫ ॥

ସମାପ୍ତ ।

—:o:—

Digitized by srujanika@gmail.com